## ସଂକ୍ଷେପରେ

### ବୀମା ଲୋକପାଳ ଦିବସ ପାଳିତ

ଭୁବନେଶ୍ୱର,୧୧।୧୧(ବ୍ୟୁରୋ): ବୀମା ଲୋକପାଳ କାର୍ଯ୍ୟାଳୟ ପକ୍ଷରୁ ବୀମା ଲୋକପାଳ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଫରେଷ୍ଟ ପାର୍କରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୀମା ଲୋକପାଳ ମନୋଜ ପରିଡ଼ା ଅଧକ୍ଷତା କରି ବିଗତ ବର୍ଷର କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଗତ ବର୍ଷରେ ଭୁବନେଶ୍ୱର ବୀମା ଲୋକପାଳ ୧୧୭୦ଟି ଅଭିଯୋଗ ମଧ୍ୟରୁ ୧୧୪୬ଟି ସମାଧାନ କରି ଆଦେଶ ଦେଇଛନ୍ତି। ସମସ୍ତ ଅଭିଯୋଗର ସମାଧାନ ୯୦ ଦିନ ମଧ୍ୟରେ କରାଯାଇଥିବା ସେ କହିଛନ୍ତି। ଆୟୋଜିତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଚିବ ଶକୁନ୍ତଳା ମୁର୍ମୁ, ସେବାନିବୃତ୍ତ ନ୍ୟାୟାଧୀଶ ଦୁର୍ଗାପ୍ରସାଦ ଚୌଧୁରୀ, ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ବ୍ୟାଙ୍କ ଲୋକପାଳ ପଙ୍କଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୁନିକୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୂଚନାଥାଉ କି, ବୀମା ନିୟାମକ ୧୯୩୮ ଧାରା ୧୧୪ (୧) ଅନୁଯାୟୀ ଗଣ ଅଭିଯୋଗ ସମାଧାନ ନିୟମ ୧୯୯୮ରେ ଅନୁମୋଦିତ ହୋଇଥିଲା। ଏହାଦ୍ୱାରା ଜୀବନ ବୀମା ଓ ସାଧାରଣ ବୀମା ଗ୍ରାହକମାନଙ୍କ ଅଭିଯୋଗୁଡ଼ିକୁ ବିନା ଖର୍ଚ୍ଚରେ, ସ୍ୱଳ୍ପ ସମୟରେ, ନିରପେକ୍ଷ ଭାବେ ସମାଧାନ କରିବା ପାଇଁ ବୀମା ଲୋକାପାଳ ସଂସ୍ଥା ସ୍ଥାପନ କରାଯାଇଥିଲା। ସମଗ୍ର ଭାରତରେ ୧୭ଟି ଅନୁଷ୍ଠାନ ରହିଥିବାବେଳେ ଭୁବନେଶ୍ୱର କାର୍ଯ୍ୟାଳୟ ସମଗ୍ର ଓଡ଼ିଶା ପାଇଁ କାର୍ଯ୍ୟ କରିଆସୁଛି।

### ଆପାର୍ଟମେଣ୍ଟରୁ ଗାଡ଼ି ଚୋରି

ଭୁବନେଶ୍ୱର,୧୧।୧୧ (ବ୍ୟୁରୋ): ଶହୀଦନଗର ଥାନା ଅନ୍ତର୍ଗତ ରସୁଲଗଡ ସ୍ଥିତ ଲର୍ଡ ଗୁଞ୍ଜନ ପ୍ୟାଲେସ ଆପାର୍ଟମେଣ୍ଟରୁ କେହି ଦୁର୍ବୃତ୍ତ ଏକ ସ୍କୁଟି ଗାଡ଼ି ନେଇ ଫେରାର ହୋଇଯାଇଛି। ଏନେଇ ଗାଡିର ମାଲିକାଣୀ ସୁରକ୍ଷାକର୍ମୀଙ୍କୁ ପଚାରିବାରୁ ଓଲଟା କେବେ ଗାଡି ଚୋରି ହୋଇଛି ବୋଲି ପଚାରୁଛନ୍ତି। ଏନେଇ ଗାଡିର ମାଲିକାଣୀ ମନସ୍ୱିନୀ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଉକ୍ତ ଆପାର୍ଟମେଣ୍ଟରେ ନାମକୁ ମାତ୍ର ସିସିଟିଭି ଲାଗିଥିବା ସେ ଅଭିଯୋଗ କରିଛନ୍ତି । ବାରମ୍ବାର ଚୋରି ହେବା ପରେ ବି ସିସିଟିଭି ଠିକ କରୁନଥିବା ସେ ଅଭିଯୋଗ କରିଛନ୍ତି । ସୂଚନାନୁସାରେ ମନସ୍ୱିନୀ କୌଣସି କାମରେ ବାହାରୁ ଯାଇଥିଲେ। ଗୁରୁବାର ସକାଳେ ଆସିଥିଲେ। ଆପାର୍ଟମେଣ୍ଟ ପରିସରରେ ଗାଡି ନଥିବା ଦେଖିବାକୁ ପାଇଥିଲେ ।

### କଳା ସଂସ୍କୃତି ବଞ୍ଚେଇବାକୁ ପ୍ରୟାସ

ପୁରୁଣା ଭୁବନେଶ୍ୱର,୧୧।୧୧(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ସୁନ୍ଦରପଦାର ଯୁବତୀଯୁବକମାନେ ମକର ସଂକ୍ରାନ୍ତିରେ ନାଟକ ମାଧ୍ୟମରେ କଳାସଂସ୍କୃତି ବଞ୍ଚାଇ ରଖିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ଗ୍ରାମର ଗୋଖିବାବାଙ୍କ ପୀଠରେ ଆୟୋଜିତ ହେବ ମକର ସଂକ୍ରାନ୍ତି ମହୋତ୍ସବ। ଦୁଇଟି ନାଟକ 'ମିଛ କହି ପଦେ ଭୁଲ ହେଲା ବୋଧେ ଏବଂ ସବୁ ଉପରବାଲାର ଖେଳ' ର ବହି ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଷ୍ଣୁ ନନ୍ଦ, ସମ୍ପାଦକ ଜିତୁ ନନ୍ଦ, କୃଷ୍ଣ ପାତ୍ର, ମହେନ୍ଦ୍ର ନନ୍ଦ, ଅର୍ଜୁନ ନାୟକ, ଗୋଖୀବାବା ସାଂସ୍କୃତିକ ପରିଷଦର ସଭ୍ୟ ଭଗବାନ ମିଶ୍ର, ମୁନା ପାତ୍ର, ଅଜିତ୍ ନନ୍ଦ, ଲିଟୁ ମଙ୍ଗରାଜ, ନୃସିଂହ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### 'ଆଜିର ସୃଜନୀ'ର ୫ମ ବାର୍ଷିକୋତ୍ସବ

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)-ମହିଳା ଏବଂ ଶିଶୁ ବିକାଶ ପାଇଁ କାର୍ଯ୍ୟ କରୁଥିବା 'ଆଜିର ସୃଜନୀ' ଅନୁଷ୍ଠାନର ପଞ୍ଚମ ବାର୍ଷିକୋତ୍ସବ ସ୍ଥାନୀୟ ଗୀତଗୋବିନ୍ଦ ସଦନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍ପି ଅପରାଜିତା ଷଡଙ୍ଗୀ, ବିଶିଷ୍ଟ ଅତିଥିପଦ୍ମଶ୍ରୀ ତୁଳସୀ ମୁଣ୍ଡା, ସମ୍ମାନିତ ଅତିଥି ସଂଘମିତ୍ରା ପତି, ମୁଖ୍ୟବକ୍ତା ଶକୁନ୍ତଳା ବଳିଆରସିଂହ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପତ୍ରିକା 'ସ୍ମୃତିରେ ସୃଜନୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସୁଜାତା ରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରତିଷ୍ଠାତ୍ରୀ ସୁଜାତା ନନ୍ଦ ଅନୁଷ୍ଠାନର କାର୍ଯ୍ୟକଳାପ ଉପରେ ଅଭିଭାଷଣ ରଖିଥିଲେ। ସ୍ୱର୍ଣ୍ଣପ୍ରଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ହତ୍ୟା

**ପୁଅକୁ ବଞ୍ଚାଇବାକୁ ଯାଇ ବାପାଙ୍କ ଜୀବନଗଲା**

- ୧୦ଜଣଙ୍କ ନାଁରେ ମାମଲା
- ଶରଧାପୁର ଗାଁ ପୁରୁଷ ଶୂନ୍ୟ

ଖୋର୍ଦ୍ଧା ଅଫିସ,୧୧।୧୧

ଖୋର୍ଦ୍ଧା ସଦର ଥାନା ଅଧୀନ ବ୍ରଜମୋହନପୁର ପଞ୍ଚାୟତ ଶରଧାପୁର ଗ୍ରାମରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ରବୀନ୍ଦ୍ରନାଥ ବଳିୟାରସିଂ (୭୦)। ଖବରପାଇ ପୋଲିସ ଘଟଣସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପୁଅ ରଶ୍ମିରଞ୍ଜନଙ୍କ ଅଭିଯୋଗକ୍ରମେ ପୋଲିସ ୧୦ଜଣଙ୍କ ନାଁରେ ଦଫା ୩୦୨, ୩୪ ଆଇପିସିରେ ଏକ ହତ୍ୟା ମାମଲା (ନଂ.୨୨୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଏହି ଘଟଣାକୁ ନେଇ ଗିରଫଦାରି ଭୟରେ ଗ୍ରାମ ପୁରୁଷଶୂନ୍ୟ ହୋଇପଡ଼ିଛି।

ଅଭିଯୋଗ ମୁତାବକ, ରବୀନ୍ଦ୍ର ସବୁଦିନ ପରି ଶୁକ୍ରବାର ଭୋର ସମୟରେ ନିଜ ଘର ବାରଣ୍ଡାରେ ବସି ଖବରକାଗଜ ପଢୁଥିଲେ। ଏହି ସମୟରେ ଗ୍ରାମର ନାରାୟଣ ବରାଳ, ସଂଗ୍ରାମ ବରାଳ, ସଞ୍ଜୟ ବରାଳ, ପ୍ରକାଶ ବରାଳ, ମହନ୍ତ ବରାଳ, ଗଜପତି ବରାଳ, ଚିତ୍ତରଞ୍ଜନ ବରାଳ ଏବଂ ରଞ୍ଜନ ବରାଳଙ୍କ ସମେତ କେତେଜଣ ମାରଣାସ୍ତ୍ର ଧରି ରବୀନ୍ଦ୍ରଙ୍କ ଘର ଆଗରେ ପହଞ୍ଚି ରଶ୍ମିରଞ୍ଜନଙ୍କୁ ଗାଳିଗୁଲଜ କରିଥିଲେ। ପାଟିତୁଣ୍ଡ ଶୁଣି ରଶ୍ମିରଞ୍ଜନ ଘର ବାହାରକୁ ଆସିବା ପରେ ସମ୍ପୃକ୍ତ ଯୁବକମାନେ ସଂଘବଦ୍ଧଭାବେ ତାଙ୍କୁ ଆକ୍ରମଣ କରିଥିଲେ। ନାରାୟଣଙ୍କ ଲୁହାରଡ ମାଡ଼ରେ ରଶ୍ମିରଞ୍ଜନଙ୍କ ଡାହାଣ ଆଖି ଫାଟିଯାଇଥିଲା। ଏହାକୁ ବାପା ରବୀନ୍ଦ୍ର ବିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣକାରୀମାନେ ତଳେ ପକାଇ ମାଡ଼ ମାରିଥିଲେ। ଫଳରେ ରବୀନ୍ଦ୍ର ଗୁରୁତର ଅବସ୍ଥାରେ ଅଚେତ୍ ହୋଇପଡ଼ିଥିଲେ। ପରିବାର ଲୋକେ ରବୀନ୍ଦ୍ରଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଶ୍ମିରଞ୍ଜନଙ୍କ ଅଭିଯୋଗ ଅନୁଯାୟୀ ଉପରୋକ୍ତ ଆକ୍ରମଣକାରୀଙ୍କୁ ଏହି ଘଟଣା ଘଟାଇବା ପାଇଁ ଗ୍ରାମର ଜୟକୃଷ୍ଣ ପ୍ରଧାନ, ସନ୍ତୋଷ ସୁନ୍ଦରାୟ ଏବଂ ଅନ୍ୟମାନେ ପ୍ରୋତ୍ସାହିତ କରିଥିଲେ। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଛନ୍ତି। ଏ ନେଇ ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି, ରଶ୍ମିରଞ୍ଜନଙ୍କ ଅଭିଯୋଗକ୍ରମେ ଥାନାରେ ୧୦ଜଣଙ୍କ ନାମରେ ହତ୍ୟା ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

ମିଳିଥିବା ସୂଚନା ମୁତାବକ, ରଶ୍ମିରଞ୍ଜନ ଗତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଏନେଇ ବିପକ୍ଷ ଗୋଷ୍ଠୀ ସହ ତାଙ୍କର ଶତ୍ରୁତା ରହିଥିଲା। ଉପରୋକ୍ତ ଆକ୍ରମଣକାରୀ ସର୍ବସାଧାରଣଙ୍କ ସରକାରୀ ଜାଗାକୁ ଅକ୍ତିଆର କରି ରଖିଛନ୍ତି। ଫଳରେ ଗ୍ରାମବାସୀ ଯାତାୟାତ ପାଇଁ ହଇରାଣ ହେଉଛନ୍ତି। ରଶ୍ମିରଞ୍ଜନ ଏହାର ପ୍ରତିବାଦ କରିବାରୁ ସେମାନେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସରକାରୀ ଜାଗା ଜବରଦଖଲ ପ୍ରତିବାଦରେ କେତେଜଣ ଗ୍ରାମବାସୀ ଖୋର୍ଦ୍ଧା ତହସିଲ ଏବଂ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ତହସିଲ ପକ୍ଷରୁ ଯାଞ୍ଚ ଲାଗି ଦିନ ଧାର୍ଯ୍ୟ ହୋଇଥିଲା। ଫଳରେ ଆକ୍ରମଣକାରୀମାନେ ପ୍ରତିଶୋଧ ପରାୟଣ ହୋଇ ସଂଘବଦ୍ଧଭାବେ ଏଭଳି କାଣ୍ଡ ଭିଆଇଛନ୍ତି ବୋଲି ରଶ୍ମିରଞ୍ଜନଙ୍କ ପରିବାରବର୍ଗ ଓ ସମ୍ପର୍କୀୟଙ୍କ ସମେତ କେତେଜଣ ଗ୍ରାମବାସୀ କହିଛନ୍ତି।

## ୪୫ ତମ ର୍‍ୟାଙ୍କ୍‌ରେ ସାଧକ କାର୍ଜୀ

**ଓଜେଏସ୍‌ରେ କିସ୍ ଛାତ୍ରଙ୍କ ସଫଳତା**

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)



ଓପିଏସ୍‌ସି ଦ୍ୱାରା ପରିଚାଳିତ ଓଜେଏସ୍-୨୦୨୧ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଥିବା ବେଳେ ଏଥିରେ ମୋଟ ୫୦ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ପ୍ରଥମଥର ପାଇଁ କିସ୍‌ର ଛାତ୍ର ସାଧକ କାର୍ଜୀ ସଫଳତା ହାସଲ କରିଛନ୍ତି। ସେ ୪୫ତମ ର୍‍ୟାଙ୍କରେ ରହି କିସ୍ ଓ ଜନଜାତି ପାଇଁ ଗୌରବ ଆଣି ଦେଇଛନ୍ତି। ସାଧକ ଗଜପତି ଜିଲାର ସଉରା ଜନଜାତି ପରିବାରର ପିଲା ହୋଇଥିବା ବେଳେ ୨୦୧୪ରେ ସେ କିସ୍‌ରେ ନାମ ଲେଖାଇଥିଲେ। କିସ୍‌ରେ ଛାତ୍ରୀଛାତ୍ର କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ପାଠ୍ୟକ୍ରମରେ ବିନା ଦେୟରେ ପାଠ ପଢ଼ିବାର ବ୍ୟବସ୍ଥା ରହିଛି। ସାଧକ କିସରୁ ଯୁକ୍ତ୨ ଶେଷ କରିବା ପରେ କିଟ୍ ଲ' ସ୍କୁଲରେ ୨୦୧୬ରେ ନାମ ଲେଖାଇଥିଲେ। ଗତବର୍ଷ ସେ ଆଇନ୍ ପଢ଼ା ଶେଷ କରିବା ପରେ ଓଜେଏସ୍ ପରୀକ୍ଷା ଦେଇଥିଲେ। ସାଧକଙ୍କ ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ କିସ୍‌ର ଛାତ୍ରୀଛାତ୍ର ବିଚାର ବିଭାଗୀୟ ଅଧିକାରୀ ହେବାର ମୋର ଯେଉଁ ସ୍ୱପ୍ନ ଥିଲା ସାଧକ ଓଜେଏସ୍ ପାଇବା ପରେ ସେହି ସ୍ୱପ୍ନ ପୂରଣ ହୋଇଛି ବୋଲି କହିଛନ୍ତି। ପୂର୍ବରୁ କିସ୍‌ରେ ଛାତ୍ରୀଛାତ୍ର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଆସୁଥିବାବେଳେ ପ୍ରଥମଥର ଓଜେଏସ୍ ପରୀକ୍ଷାରେ ସାଧକ କୃତକାର୍ଯ୍ୟ ହୋଇଛନ୍ତି।



ସତ୍ୟ ନଗର ଯାନ୍ତ୍ରିକ ଭବନରେ ପାନୀୟ ଜଳ ଯୋଗାଣ କର୍ମଚାରୀ ସଂଘର ପ୍ରତିଷ୍ଠା ଓ ସମ୍ବର୍ଦ୍ଧନା ସଭାରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତି ।

## ଅବସରର ୪ ମାସ ପୂର୍ବରୁ ଆବେଦନ କଲେ ପେନ୍‌ସନ ମିଳିବାରେ ସହଜ ହେବ

**ଜିଲା କୋଷାଧିକାରୀ କର୍ମଶାଳା ଉଦ୍‌ଯାପିତ**

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

ଓଡ଼ିଶା ମହାଲେଖାକାର କାର୍ଯ୍ୟାଳୟ (ଲେଖା ଓ ହକଦାରି ) ଆନୁକୂଲ୍ୟରେ ଏବଂ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ସହଯୋଗରେ ସ୍ଥାନୀୟ ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନ ସମ୍ମିଳନୀରେ ଆରମ୍ଭ ହୋଇଥିବା ଦୁଇଦିନିଆ ଜିଲା କୋଷାଧିକାରୀ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିନରେ ଇ-ପେନ୍‌ସନ, ଇ-ଭବିଷ୍ୟନିଧି ମଞ୍ଜୁରୀ ଓ ପ୍ରେରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାଦ୍ୱାରା ପେନ୍‌ସନଭୋଗୀ ଓ ଭବିଷ୍ୟନିଧି ଉପଭୋକ୍ତାମାନେ ତୁରନ୍ତ ସେମାନଙ୍କର ଅବସରକାଳୀନ ପ୍ରାପ୍ୟ ପାଇପାରିବେ । ଅବସର ଗ୍ରହଣ କରିବାକୁ ଥିବା ସରକାରୀ କର୍ମଚାରୀମାନେ ସେମାନଙ୍କର ଆବେଦନ ୪ ମାସ ପୂର୍ବରୁ ଅନ୍‌ଲାଇନ ମାଧ୍ୟମରେ ଆବେଦନ କଲେ ଅବସର ଗ୍ରହଣ ପରେ ସେମାନେ ପେନ୍‌ସନ ମଞ୍ଜୁରୀ ପାଇଁ ଆଉ କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ ବୋଲି ପ୍ରଧାନ ମହାଲେଖାକାର ଅନନ୍ତ କିଶୋର ବେହେରା କହିଛନ୍ତି । ଅତିରିକ୍ତ ନିର୍ଦ୍ଦେଶକ ପ୍ରଣତି ଛୋଟରାୟ ଓ ଦୀପଙ୍କର ମହାପାତ୍ର ଅନ୍‌ଲାଇନ ମାଧ୍ୟମରେ ପେନ୍‌ସନ ଉପଭୋକ୍ତାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମାଧାନ କିପରି କରାଯାଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ରାଜ୍ୟରେ ବହୁତ ବିଭାଗ ବନ୍ଦ ହୋଇଯାଇଥିଲେ ମଧ୍ୟ ସେମାନଙ୍କ ଡିଡିଓ ଆକାଉଣ୍ଟ କାର୍ଯ୍ୟକ୍ଷମ ଥିବାରୁ ସେଗୁଡ଼ିକ ବନ୍ଦ କରିବାକୁ କୁହାଯାଇଥିଲା ଏବଂ ବରିଷ୍ଠ ପେନ୍‌ସନଭୋଗୀମାନେ ଜୀବନ ପ୍ରମାଣପତ୍ର ଅନ୍‌ଲାଇନ ମାଧ୍ୟମରେ କରିବାକୁ ନିବେଦନ କରାଯାଇଥିଲା। ବରିଷ୍ଠ ଉପ ମହାଲେଖାକାର ଶ୍ରୀରାଜ ଅଶୋକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ପ୍ରଧାନ ମହାଲେଖାକାର ଅନନ୍ତ କିଶୋର ବେହେରା ମୁଖ୍ୟ ଅତିଥି,କୋଷାଗାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରୂପ ନାରାୟଣ ଦାସ, ମଧୁସୂଦନ ଦାସ, ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନର ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ଅତିରିକ୍ତ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଦେବୀଦତ୍ତ ତ୍ରିପାଠୀ, ରାଜ୍ୟ ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ଯୋଶୀ, ଉପମହାଲେଖାକାର ପି. ଅଶୋକାନ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ।

ପ୍ରଧାନ ମହାଲେଖାକାର ତାଙ୍କ ଉଦ୍‌ଯାପନୀ ଅଭିଭାଷଣରେ କହିଥିଲେ ଯେ ଭବିଷ୍ୟନିଧି ଉପଭୋକ୍ତାମାନେ ଭବିଷ୍ୟନିଧି ଆକାଉଣ୍ଟରେ ଥିବା ଟଙ୍କା ପାଇବା ପାଇଁ ଆବେଦନ କରିବା ପରିବର୍ତ୍ତେ ସେମାନଙ୍କ କାର୍ଯ୍ୟାଳୟର ଅଧିକାରୀ ଆବେଦନ କରିବା ଉଚିତ । ଏଥିପାଇଁ ଆଇନରେ ଆବଶ୍ୟକ ସଂଶୋଧନ ଆଣିବା ଦରକାର ବୋଲି କହିଥିଲେ । ରାଜ୍ୟର ବିଭିନ୍ନ ଜିଲା କୋଷାଧିକାରୀଙ୍କ ପକ୍ଷରୁ ଅନୁଗୋଳର ଜୟନ୍ତୀ ବିଶ୍ୱାଳ, ଖୋର୍ଦ୍ଧା ଜିଲା କୋସାଗରର ସୂର୍ଯ୍ୟ କୁମାର ନାୟକ, ପୁରୀର ସବ୍ୟସାଚୀ ଦାସ, ଢେଙ୍କାନାଳର ଗୀତମଣି ନାୟକ ଇ-ବ୍ୟବସ୍ଥାରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଉପରେ ଆଲୋଚନା କରିଥିଲେ । ବରିଷ୍ଠ ଲେଖାଧିକାରୀ ମନୋରଞ୍ଜନ ପାଣିଗ୍ରାହୀ, ସହକାରୀ ଲେଖାଧିକାରୀ ତପନ ଜେନା ଓ ଦୀନେଶ ପାଣ୍ଡେ ଅନ୍‌ଲାଇନ ପେନ୍‌ସନରେ ଥିବା ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ଉପରେ ତାଲିମ ପ୍ରଦାନ କରିଥିଲେ । ଜିଲା କୋଷାଧିକାରୀମାନଙ୍କୁ ପ୍ରଧାନ ମହାଲେଖାକାର ବେହେରା, କୋଷାଗାର ନିର୍ଦ୍ଦେଶକ ଦାସ, ଅତିରିକ୍ତ ନିର୍ଦ୍ଦେଶକ ଛୋଟରାୟ ଓ ମହାପାତ୍ର ମାନପତ୍ର ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ ଲେଖାଧିକାରୀ ପ୍ରବୀର କୁମାର ସାମଲ ଧନ୍ୟବାଦ ଦେଇଥିଲେ । କର୍ମଶାଳାକୁ ମଧୁସୂଦନ ଦାସ, ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନର ଉପନିର୍ଦ୍ଦେଶକ ଭାନୁ ମଙ୍ଗଳ ଦାସ, କୋଷାଗାର ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ସରୋଜ ଶତପଥୀ, ପ୍ରଧାନ ମହାଲେଖାକାରଙ୍କ ସଚିବ ସୁଚିତ୍ରା ଭଞ୍ଜ, ବରିଷ୍ଠ ଲେଖାଧିକାରୀ ବୃନ୍ଦାବନ ବେହେରା,ଏଜି ଆମ୍ବୁଲାନ୍ସ ଡିଭିଜନର ସହକାରୀ ଆଯୁକ୍ତ ପୁରୁଷୋତ୍ତମ ବଳ, ସହକାରୀ ଲେଖାଧିକାରୀ ଅଶୋକ ମିଶ୍ର, ଆନନ୍ଦ ଭଞ୍ଜ, କୈଳାସ ପଣ୍ଡା, ପ୍ରେମାନନ୍ଦ ମେହେର ପରିଚାଳନା କରିଥିଲେ ।



କର୍ମଶାଳାରେ ଯୋଗ ଦେଇଥିବା ଅଧିକାରୀମାନେ ।

## ଘରୋଇ ହଷ୍ଟେଲରେ ଯୁବତୀଙ୍କ ମୃତଦେହ

- ହାତଲେଖା ଚିଠି ଜବତ
- ପରିବାର ଲୋକ କହିଲେ ଏହା ଦୀପ୍ତିର ହାତଲେଖା ନୁହେଁ

ଭୁବନେଶ୍ୱର,୧୧।୧୧ (ବ୍ୟୁରୋ):

ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା ଅଞ୍ଚଳରେ ଥିବା ଏକ ଘରୋଇ ହଷ୍ଟେଲରୁ ଯୁବତୀଙ୍କ ମୃତଦେହ ଜବତ ହୋଇଛି । ମୃତ ଯୁବତୀ ହେଲେ ପୁରୀ ଜିଲା ଗୋପ ବ୍ଲକ ତିରିପଦାଗଡର ଦୀପ୍ତିମୟୀ ପାଣି । ସେ ଏଠାରେ ରହି ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ । ଘଟଣାସ୍ଥଳରୁ ପୋଲିସ ଏକ ହାତଲେଖା ଚିଠି ଜବତ କରିଛି । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି କେଉଁ ପରିସ୍ଥିତିରେ ଯୁବତୀଙ୍କ ମୃତ୍ୟୁ ହେଲା ତାହାର ତଦନ୍ତ ଆରମ୍ଭ କରିଛି। ଜବତ ଚିଠିରେ ଲେଖା ଅଛି 'ମୋ ଦେହ ଖରାପ। ମାମା ଆଉ ମୁଁ ଏତେ ମେଡିସିନ ଖାଇ ପାରିବ ନାହିଁ।' ତେବେ ପରିବାର ଲୋକେ ଏହାକୁ ଖଣ୍ଡନ କରିବା ସହ ଏହି ଚିଠିଟି ଦୀପ୍ତିଙ୍କ ହାତଲେଖା ନୁହେଁ ବୋଲି କହିଛନ୍ତି।

ପୋଲିସ ସୂଚନାନୁଯାୟୀ, ଦୀପ୍ତି ୫ ମାସ ହେଲା ବରମୁଣ୍ଡାସ୍ଥିତ ଏକ ହଷ୍ଟେଲରେ ରହି ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ଗୋଟିଏ ରୁମ୍‌ରେ ୩ ଜଣ ରହୁଥିଲେ। ତେଣୁ ଦୀପ୍ତିଙ୍କର ବାତ ଦୋଷ ରହିଥିବାରୁ ସବୁବେଳେ ଚିନ୍ତିତ ଥିଲେ। ଗୁରୁବାର ସକାଳେ ବାତ ମାରିଥିବାରୁ ସେ ଶୋଇଥିଲେ। ଏହାପରେ ଦିନ ୧୨ଟା ସମୟରେ ଦୀପ୍ତିଙ୍କ ସହଯୋଗୀ ବଜାର ଯାଇଥିଲେ । ସନ୍ଧ୍ୟା ୫ ଟାରେ ହଷ୍ଟେଲ ଫେରି ଦେଖିଲା ବେଳକୁ ରୁମ୍ ଭିତର ପଟୁ ବନ୍ଦ ରହିଥିଲା। ଏନେଇ ଦୀପ୍ତିଙ୍କ ସହଯୋଗୀ ସଙ୍ଗେ ସଙ୍ଗେ ହଷ୍ଟେଲର ୱାର୍ଡେନଙ୍କୁ ଜଣାଇଥିଲେ। ୱାର୍ଡେନ ପିଲାଙ୍କ ଉପସ୍ଥିତିରେ କବାଟ ଭାଙ୍ଗିଥିଲେ। ଏହାପରେ ଦୀପ୍ତି ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ । ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ । ସେଠାରେ ଦୀପ୍ତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ମେଡିକାଲ ପରିସରରେ ଥିବା କ୍ୟାପିଟାଲ ଫାଣ୍ଡି ପକ୍ଷରୁ ଖଣ୍ଡଗିରି ପୋଲିସଙ୍କୁ ଖବର ଦିଆଯିବାରୁ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଜଣାପଡିଛି ।

## 'ପରିବର୍ତ୍ତନର ପଥେ ପଥେ'ର ବାର୍ଷିକୋତ୍ସବ

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

'ପରିବର୍ତ୍ତନର ପଥେ ପଥେ'ର ୫ମ ବାର୍ଷିକ ଉତ୍ସବ ଶୁକ୍ରବାର ଭାରତୀୟ ବିଦ୍ୟାଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ସମ୍ମାନିତ ଅତିଥି ମେୟର ସୁଲୋଚନା ଦାସ ଓ ଅଭିନେତା ଚନ୍ଦନ କର ଯୋଗ ଦେଇଥିଲେ। ଅନୁଷ୍ଠାନର ସଂସ୍ଥାପକ ସୁବ୍ରତ କୁମାର ପଣ୍ଡାଙ୍କ ଦ୍ୱାରା ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ଶୀତବସ୍ତ୍ର ବଣ୍ଟାଯାଇଥିଲା। ଏହି ଅବସରରେ ସାମ୍ବାଦିକ, ସୁରକ୍ଷାକର୍ମୀ, ସାମାଜିକ କର୍ମୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ହୋଇଥିଲା।

## ରାଷ୍ଟ୍ରପତିଙ୍କୁ ଭୁବନେଶ୍ୱର ଓକିଲ ସଂଘର ସମ୍ବର୍ଦ୍ଧନା, ଦାବିପତ୍ର

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)-

ରାଜଭବନଠାରେ ଭୁବନେଶ୍ୱର ଓକିଲ ସଂଘ ସଭାପତି ରବିନାରାୟଣ ସାମନ୍ତରାୟଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଆଲୋଚନା ସମୟରେ ଓକିଲ ସଂଘ ଦ୍ୱାରା ଦୀର୍ଘ ୩୨ ବର୍ଷ ଧରି ଭୁବନେଶ୍ୱରରେ ହାଇକୋର୍ଟ ସ୍ଥାପତି କରିବା ଦାବିକୁ ଦୋହରାଯାଇଥିଲା। ଏ ସଂକ୍ରାନ୍ତରେ ଏକ ବିସ୍ତାରିତ ବିବରଣୀଯୁକ୍ତ ଦାବିପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି। ସାକ୍ଷାତକାର ସମୟରେ ସଭାପତି ରବିନାରାୟଣଙ୍କ ସମେତ ଓକିଲ ସଂଘର ସମ୍ପାଦକ ରାଜକିଶୋର ଦାସ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, ଉପସଭାପତି ଅଭିମନ୍ୟୁ ସ୍ୱାଇଁ, ପୂର୍ବତନ ସଭାପତି ଶିବାନନ୍ଦ ରାୟ, ପୂର୍ବତନ ଉପସଭାପତି ଶୀଳଭଦ୍ର ଶାସ୍ତ୍ରୀ, ପୂର୍ବତନ ଆଇନଜୀବୀ ପରିଷଦ ସଦସ୍ୟ ସିତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।




ପୁରୀଠାରେ ଶୁକ୍ରବାର ପ୍ରଗତିଶୀଳ ଉତ୍କଳ ସମାଜର ରାଷ୍ଟ୍ରୀୟ ଅଧିବେଶନ ଅବସରରେ ଆୟୋଜିତ ଶୋଭାଯାତ୍ରା ।

## ଉତ୍ତରପ୍ରଦେଶରୁ ଦ୍ୱିତୀୟ ଅଭିଯୁକ୍ତ ଗିରଫ

**୩ କୋଟିର ଲୋଭ ଦେଖାଇ ୨.୩୫ କୋଟି ଠକେଇ ମାମଲା**

- ରିମାଣ୍ଡରେ ଆଣୁଛି ଇଓଡବ୍ଲ୍ୟୁ, ଆଜି ହେବେ କୋର୍ଟଚାଲାଣ
- ମାର୍ଚ୍ଚରେ ଗିରଫ ହୋଇଥିଲେ ପ୍ରଥମ ଅଭିଯୁକ୍ତ
- ଅର୍ଥ ମନ୍ତ୍ରଣାଳୟର ଅଧିକାରୀ କହି ବ୍ୟବସାୟୀଙ୍କୁ ଫସାଇଥିଲେ

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)



କେନ୍ଦ୍ର ସରକାରଙ୍କ ଅଧିକାରୀ କହି ୩ କୋଟିର ଲୋଭ ଦେଖାଇ ଜଣେ ବ୍ୟବସାୟୀଙ୍କଠାରୁ ୨.୩୫ କୋଟି ଟଙ୍କା ଠକେଇ କରିବା ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ରାକେଟର ଦ୍ୱିତୀୟ ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶର ଏଟା ଜିଲାରୁ ଗିରଫ କରିଛି। ସେ ହେଲେ ବିଜୟ ଭରଦ୍ୱାଜ। ବୁଧବାର ବିଜୟଙ୍କୁ ଗିରଫ କରାଯିବା ପରେ ଏଟାସ୍ଥିତ ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବାକୁ ଅନୁମତି ଦେବା ପରେ ଇଓଡବ୍ଲ୍ୟୁ ବିଜୟଙ୍କୁ ଓଡ଼ିଶା ଆଣୁଛି। ଶନିବାର କେନ୍ଦୁଝର ଜିଲା ବଡ଼ବିଲ ଜେଏମ୍ଏଫ୍‌ସି କୋର୍ଟରେ ତାଙ୍କୁ ହାଜର କରାଯିବ। ତେବେ ଏହାପୂର୍ବରୁ ମାର୍ଚ୍ଚ ୧୫ରେ ଏହି ଠକେଇରେ ସମ୍ପୃକ୍ତ ହିମାଂଶୁ ଭଣ୍ଡାରୀଙ୍କୁ ଉତ୍ତରପ୍ରଦେଶ ନୋଏଡ଼ାରୁ ଗିରଫ କରାଯାଇଥିଲା। ତେବେ ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ମାକ୍ସ ନ୍ୟୁୟର୍କ ଲାଇଫ୍ ଇନ୍‌ସ୍ୟୁରାନ୍ସରେ ଏକ ପଲିସି ଥିବା କେନ୍ଦୁଝର ଜିଲା ଯୋଡ଼ାର ବ୍ୟବସାୟୀ ପ୍ରମୋଦ କୁମାର ରାଉତଙ୍କୁ ୨୦୧୯ ଅକ୍ଟୋବରରେ ଅଭିଯୁକ୍ତମାନେ ଜାଲରେ ଫସାଇଥିଲେ। ଜଣେ ଅଭିଯୁକ୍ତ ତାଙ୍କୁ କଲ୍ କରି କେନ୍ଦ୍ର ଅର୍ଥ ମନ୍ତ୍ରାଳୟର ଫଣ୍ଡ ରିଲିଜିଙ୍ଗ୍ ହେଡ୍ ଏ.କେ. ୱାଲିଆ ବୋଲି ପରିଚୟ ଦେଇଥିଲେ। ତାଙ୍କ ଜୀବନ ବୀମାକୁ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ 'ରାହତ କୋଷ ଯୋଜନା' ଦ୍ୱାରା ଚୟନ କରାଯାଇଛି ତେଣୁ ସରକାରଙ୍କ ପକ୍ଷରୁ ୩ କୋଟି ମିଳିବ ବୋଲି କହିଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ପ୍ରମୋଦଙ୍କ ହ୍ୱାଟ୍ସଆପ୍‌କୁ କେନ୍ଦ୍ର ସରକାରଙ୍କ ଇନ୍‌ସ୍ୟୁରାନ୍ସ ରେଗୁଲେଟୋରି ଏଣ୍ଡ୍ ଡେଭେଲପ୍‌ମେଣ୍ଟ ଅଥରିଟିର ଏକ ଜାଲ ଚିଠି ପଠାଇଥିଲେ। ୩ କୋଟି ପାଇବାକୁ ହେଲେ ୧ କୋଟି ୫୬ ଲକ୍ଷ ୩୬ ହଜାର ଟଙ୍କା ଦେବାକୁ ହେବ ବୋଲି ସେଥିରେ ଉଲ୍ଲେଖ ଥିଲା। ପ୍ରମୋଦ ୨୦୧୯ ନଭେମ୍ବର ୧୯ରୁ ୨୦୨୧ ଫେବୃୟାରୀ ୪ ମଧ୍ୟରେ ବିଭିନ୍ନ ଟ୍ୟାକ୍ସ ସହ ୨.୩୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପଠାଇଥିଲେ। ଅଭିଯୁକ୍ତମାନେ ପ୍ରମୋଦଙ୍କ ହ୍ୱାଟ୍ସଆପ୍‌କୁ ଅର୍ଥ ମନ୍ତ୍ରଣାଳୟ, ଆର୍‌ବିଆଇ ଓ ଇନ୍‌କମ୍ ଟ୍ୟାକ୍ସର ଅନେକ ଫେକ୍ ଲେଟର୍ ସହ ୧.୨୭ କୋଟି ଓ ୭୦.୮୧ ଲକ୍ଷର ୨ଟି ଫେକ୍ ବ୍ୟାଙ୍କ ଡିମାଣ୍ଡ୍ ଡ୍ରାଫ୍ଟ ମଧ୍ୟ ପଠାଇଥିଲେ। ହେଲେ ତାଙ୍କ ଆକାଉଣ୍ଟକୁ କୌଣସି ଟଙ୍କା ନ ଆସିବାରୁ ସନ୍ଦେହ ହୋଇଥିଲା। ଠକେଇର ଶିକାର ହେବା ଜାଣି ପ୍ରମୋଦଙ୍କ ଅଭିଯୋଗକ୍ରମେ ଇଓଡବ୍ଲ୍ୟୁ ଗତ ଫେବୃୟାରୀ ୨ରେ ଏକ ମାମଲା (ନଂ.୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡ଼ିଛି, ଏହି ଗ୍ୟାଙ୍ଗର ଜଣେ ଅଭିଯୁକ୍ତ ବିଭିନ୍ନ ରାଜ୍ୟର ଠକେଇ ହୋଇଥିବା ବହୁ ମାମଲାରେ ସମ୍ପୃକ୍ତ ଅଛନ୍ତି। ତେବେ ଠକେଇ ଟଙ୍କା ୨.୩୭ କୋଟିରୁ ଅଭିଯୁକ୍ତ ବିଜୟଙ୍କ ଆକାଉଣ୍ଟକୁ ୭୯ ଲକ୍ଷ ଯାଇଥିବା ଇଓଡବ୍ଲ୍ୟୁକୁ ପ୍ରମାଣ ମିଳିଛି।

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

#### ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

**ବାଣପୁର/ଗମ୍ଭାରୀମୁଣ୍ଡା,୧୧।୧୧ (ଡି.ଏନ୍.ଏ.):** ବାଣପୁର ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗରେ ଫେରାର ଥିବା ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପିଣ୍ଟୁ ପ୍ରଧାନ। ସୂଚନା ମୁତାବକ, ଅଭିଯୁକ୍ତ ପିଣ୍ଟୁ ସମ୍ପୃକ୍ତ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ନାବାଳିକା ଜଣଙ୍କ ବିବାହ ପାଇଁ କହିବାରୁ ପିଣ୍ଟୁ ମନାକରିଦେଇଥିଲେ। ଏନେଇ ନାବାଳିକାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୨୯/୨୨)ରୁଜୁକରି ତଦନ୍ତ ଚଳାଇଥିଲା। ଅନ୍ୟପଟେ ଗିରଫ ଭୟରେ ଅଭିଯୁକ୍ତ ଜଣଙ୍କ ଫେରାର ହୋଇଯାଇଥିଲେ।

### ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ

**ନିରାକାରପୁର,୧୧।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ସାନରାଉତପଡା ପଞ୍ଚାୟତ ରାଉତରାପୁରଠାରେ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମାନସିକଧାରୀ ନିକଟ ପୋଖରୀରୁ ପାଣି ଆଣି ଶୋଭାଯାତ୍ରାରେ ଆସି ଯଜ୍ଞମଣ୍ଡପରେ କଳସ ସ୍ଥାପନ କରିଥିଲେ। ପ୍ରତ୍ୟହ ପୂର୍ବାହ୍ନ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସୂର୍ଯ୍ୟପୂଜା, ଅର୍ଘ୍ୟଦାନ, ବ୍ୟାସ ସନ୍ଥ ମଙ୍ଗଳ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଶ୍ରୀରାମଚରିତ ମାନସ ପାରାୟଣ ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଆହୁତି ପ୍ରଦାନ କରାଯାଇଥିଲା। ଚଣ୍ଡୀପାଠ, ହନୁମାନ ଚାଳିଶା ଓ ଅନ୍ୟାନ୍ୟ ବେଦମନ୍ତ୍ର ସହିତ ହରିବୋଲ ହୁଳହୁଳି, ନାମ ସଂକୀର୍ତ୍ତନରେ ଯଜ୍ଞ ମଣ୍ଡପରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

### ଆପାର୍ଟମେଣ୍ଟରୁ ଗାଡ଼ି ଚୋରି

**ଭୁବନେଶ୍ୱର,୧୧।୧୧ (ବ୍ୟୁରୋ):** ଶହୀଦନଗର ଥାନା ଅନ୍ତର୍ଗତ ରସୁଲଗଡ ସ୍ଥିତ ଲର୍ଡ ଗୁଞ୍ଜନ ପ୍ୟାଲେସ ଆର୍ପଟମେଣ୍ଟରୁ କେହି ଦୁର୍ବୃତ୍ତ ଏକ ସ୍କୁଟି ଗାଡ଼ି ନେଇ ଫେରାର ହୋଇଯାଇଛି। ଏନେଇ ଗାଡିର ମାଲିକାଣୀ ମନସ୍ୱିନୀ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ ମନସ୍ୱିନୀ କୌଣସି କାମରେ ବାହାରୁ ଯାଇଥିଲେ। ଗୁରୁବାର ସକାଳେ ଆସିଥିଲେ। ଆପାର୍ଟମେଣ୍ଟ ପରିସରରେ ଗାଡି ନଥିବା ଦେଖିବାକୁ ପାଇଥିଲେ ।

### ରାଷ୍ଟ୍ରପତିଙ୍କୁ ଭୁବନେଶ୍ୱର ଓକିଲ ସଂଘର ସମ୍ବର୍ଦ୍ଧନା, ଦାବିପତ୍ର

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ):** ରାଜଭବନଠାରେ ଭୁବନେଶ୍ୱର ଓକିଲ ସଂଘ ସଭାପତି ରବିନାରାୟଣ ସାମନ୍ତରାୟଙ୍କ ନେତୃତ୍ୱରେ ଏକ ଟିମ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଆଲୋଚନା ସମୟରେ ଓକିଲ ସଂଘ ଦ୍ୱାରା ଦୀର୍ଘ ୩୨ ବର୍ଷ ଧରି ଭୁବନେଶ୍ୱରରେ ହାଇକୋର୍ଟ ସ୍ଥାପତି କରିବା ଦାବିକୁ ଦୋହରାଯାଇଥିଲା। ଏକ ବିସ୍ତାରିତ ବିବରଣୀଯୁକ୍ତ ଦାବିପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି। ସାକ୍ଷାତକାର ସମୟରେ ସଭାପତି ରବିନାରାୟଣଙ୍କ ସମେତ ଓକିଲ ସଂଘର ସମ୍ପାଦକ ରାଜକିଶୋର ଦାସ, ଅଶୋକ ବଡ଼ପଣ୍ଡା, ଅଭିମନ୍ୟୁ ସାଇଁ, ଶିବାନନ୍ଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ହତ୍ୟା

**ପୁଅକୁ ବଞ୍ଚାଇବାକୁ ଯାଇ ବାପାଙ୍କ ଜୀବନଗଲା**
- ୧୦ଜଣଙ୍କ ନାଁରେ ମାମଲା
- ଶରଧାପୁର ଗାଁ ପୁରୁଷ ଶୂନ୍ୟ

**ଖୋର୍ଦ୍ଧା ଅଫିସ,୧୧।୧୧**

ଖୋର୍ଦ୍ଧା ସଦର ଥାନା ଅଧୀନ ବ୍ରଜମୋହନପୁର ପଞ୍ଚାୟତ ଶରଧାପୁର ଗ୍ରାମରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ରବୀନ୍ଦ୍ରନାଥ ବଳିୟାରସିଂ (୭୦)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପୁଅ ରଶ୍ମିରଞ୍ଜନଙ୍କ ଅଭିଯୋଗକ୍ରମେ ପୋଲିସ ୧୦ଜଣଙ୍କ ନାଁରେ ଦଫା ୩୦୨, ୩୪ ଆଇପିସିରେ ଏକ ହତ୍ୟା ମାମଲା (ନଂ.୨୨୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଏହି ଘଟଣାକୁ ନେଇ ଗିରଫଦାରି ଭୟରେ ଗ୍ରାମ ପୁରୁଷଶୂନ୍ୟ ହୋଇପଡ଼ିଛି।

ଅଭିଯୋଗ ମୁତାବକ, ରବୀନ୍ଦ୍ର ସବୁଦିନ ପରି ଶୁକ୍ରବାର ଭୋର ସମୟରେ ନିଜ ଘର ବାରଣ୍ଡାରେ ବସି ଖବରକାଗଜ ପଢୁଥିଲେ। ଏହି ସମୟରେ ଗ୍ରାମର ନାରାୟଣ ବରାଳ, ସଂଗ୍ରାମ ବରାଳ, ସଞ୍ଜୟ ବରାଳ, ପ୍ରକାଶ ବରାଳ, ମହନ୍ତ ବରାଳ, ଗଜପତି ବରାଳ, ଚିତ୍ତରଞ୍ଜନ ବରାଳ ଏବଂ ରଞ୍ଜନ ବରାଳଙ୍କ ସମେତ କେତେଜଣ ମାରଣାସ୍ତ୍ର ଧରି ରବୀନ୍ଦ୍ରଙ୍କ ଘର ଆଗରେ ପହଞ୍ଚି ରଶ୍ମିରଞ୍ଜନଙ୍କୁ ଗାଳିଗୁଲଜ କରିଥିଲେ। ପାଟିତୁଣ୍ଡ ଶୁଣି ରଶ୍ମିରଞ୍ଜନ ଘର ବାହାରକୁ ଆସିବା ପରେ ସମ୍ପୃକ୍ତ ଯୁବକମାନେ ସଂଘବଦ୍ଧଭାବେ ତାଙ୍କୁ ଆକ୍ରମଣ କରିଥିଲେ। ନାରାୟଣଙ୍କ ଲୁହାରଡ ମାଡ଼ରେ ରଶ୍ମିରଞ୍ଜନଙ୍କ ଡାହାଣ ଆଖି ଫାଟିଯାଇଥିଲା। ଏହାକୁ ବାପା ରବୀନ୍ଦ୍ର ବିରୋଧ କରିବାରୁ ତାଙ୍କୁ ମଧ ଆକ୍ରମଣକାରୀମାନେ ତଳେ ପକାଇ ମାଡ଼ ମାରିଥିଲେ। ଫଳରେ ରବୀନ୍ଦ୍ର ଗୁରୁତର ଅବସ୍ଥାରେ ଅଚେତ୍ ହୋଇପଡ଼ିଥିଲେ। ପରିବାର ଲୋକେ ରବୀନ୍ଦ୍ରଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଶ୍ମିରଞ୍ଜନଙ୍କ ଅଭିଯୋଗ ଅନୁଯାୟୀ ଉପରୋକ୍ତ ଆକ୍ରମଣକାରୀଙ୍କୁ ଏହି ଘଟଣା ଘଟାଇବା ପାଇଁ ଗ୍ରାମର ଜୟକୃଷ୍ଣ ପ୍ରଧାନ, ସନ୍ତୋଷ ସୁନ୍ଦରାୟ ଏବଂ ଅନ୍ୟମାନେ ପ୍ରୋତ୍ସାହିତ କରିଥିଲେ। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଛନ୍ତି। ଏ ନେଇ ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି, ରଶ୍ମିରଞ୍ଜନଙ୍କ ଅଭିଯୋଗକ୍ରମେ ଥାନାରେ ୧୦ଜଣଙ୍କ ନାମରେ ହତ୍ୟା ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

ମିଳିଥିବା ସୂଚନା ମୁତାବକ, ରଶ୍ମିରଞ୍ଜନ ଗତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଏନେଇ ବିପକ୍ଷ ଗୋଷ୍ଠୀ ସହ ତାଙ୍କର ଶତ୍ରୁତା ରହିଥିଲା। ଉପରୋକ୍ତ ଆକ୍ରମଣକାରୀ ସର୍ବସାଧାରଣଙ୍କ ସରକାରୀ ଜାଗାକୁ ଅକ୍ତିଆର କରି ରଖିଛନ୍ତି। ଫଳରେ ଗ୍ରାମବାସୀ ଯାତାୟାତ ପାଇଁ ହଇରାଣ ହେଉଛନ୍ତି। ରଶ୍ମିରଞ୍ଜନ ଏହାର ପ୍ରତିବାଦ କରିବାରୁ ସେମାନେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସରକାରୀ ଜାଗା ଜବରଦଖଲ ପ୍ରତିବାଦରେ କେତେଜଣ ଗ୍ରାମବାସୀ ଖୋର୍ଦ୍ଧା ତହସିଲ ଏବଂ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ତହସିଲ ପକ୍ଷରୁ ଯାଞ୍ଚ ଲାଗି ଦିନ ଧାର୍ଯ୍ୟ ହୋଇଥିଲା। ଫଳରେ ଆକ୍ରମଣକାରୀମାନେ ପ୍ରତିଶୋଧ ପରାୟଣ ହୋଇ ସଂଘବଦ୍ଧଭାବେ ଏଭଳି କାଣ୍ଡ ଭିଆଇଛନ୍ତି ବୋଲି ରଶ୍ମିରଞ୍ଜନଙ୍କ ପରିବାରବର୍ଗ ଓ ସମ୍ପର୍କୀୟଙ୍କ ସମେତ କେତେଜଣ ଗ୍ରାମବାସୀ କହିଛନ୍ତି।

## ୧୯ରେ ବ୍ଲକସ୍ତରୀୟ ବିଜ୍ଞାନମେଳା




**ବୋଲଗଡ଼,୧୧।୧୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନମେଳା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଙ୍କୋଇ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଦରୁଲ ହାସନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ନିରଞ୍ଜନ ମହାନ୍ତି, ଅତିଥିଭାବେ ସହଶିକ୍ଷା ଅଧିକାରୀ ପଦ୍ମଚରଣ ବେହେରା ଓ ଭିକାରୀ ପୃଷ୍ଟି ଯୋଗଦେଇଥିଲେ। ବ୍ଲକର ସମସ୍ତ ଉଚ୍ଚବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ, ୧୪ଜଣ ସିଆରସିସି ଯୋଗଦେଇଥିଲେ। ଆସନ୍ତା ୧୯ ତାରିଖରେ ସରକାରୀ ଉଚ୍ଚ ବିଦ୍ୟାଳୟ ବାଙ୍କୋଇଠାରେ ବ୍ଲକସ୍ତରୀୟ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। କାର୍ଯ୍ୟକାରୀ କମିଟିରେ କାର୍ଯ୍ୟକାରୀ ସଭାପତି ତଥା ପ୍ରଧାନ ଶିକ୍ଷକ ହାସନ, ସମ୍ପାଦକ ଭାବେ ତାଳତୁମ୍ବ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିବନ୍ଧୁ ତ୍ରିପାଠୀ, କୋଷାଧ୍ୟକ୍ଷ ହଳଦୀପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସିଂହ, ପ୍ରଧାନ ଶିକ୍ଷକ ଚିତ୍ତ ରଞ୍ଜନ ସ୍ୱାଇଁ, ପ୍ରଧାନ ଶିକ୍ଷକ ବାନାମ୍ବର ଷଡ଼ଙ୍ଗୀ, ଶିକ୍ଷକ ଦ୍ୱିତୀକୃଷ୍ଣ ସାହୁ, ମଳୟ ପଣ୍ଡା, ଗୁଣନିଧି ପାଇକରାୟଙ୍କ ସମେତ ସମସ୍ତ କ୍ଲଷ୍ଟର ସାଧନକେନ୍ଦ୍ର ସଂଯୋଜକମାନେ କାର୍ଯ୍ୟକାରୀ ସମିତିକୁ ମନୋନୀତ ହୋଇଥିଲେ। ସହଶିକ୍ଷା ଅଧିକାରୀ ଭିକାରୀ ପୃଷ୍ଟି ଧନ୍ୟବାଦ ଦେଇଥିଲେ।




**ଜଟଣୀ:** ଷଣ୍ଢପୁରସ୍ଥିତ ଗୋଶାଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

## ଗୋଶାଳା ଉଦ୍‌ଘାଟିତ

**ଜଟଣୀ,୧୧।୧୧(ଡି.ଏନ୍.ଏ.)**

ଜଟଣୀ ପୌରପରିଷଦ ୯ନଂ. ୱାର୍ଡ ଅନ୍ତର୍ଗତ ଷଣ୍ଢପୁରଠାରେ ଶୁକ୍ରବାର ଏକ ଗୋଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପିପଲ୍ସ ଫୋରମ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନଗରପାଳ ଅନନ୍ତ ବେହେରା, ନିର୍ବାହୀ ଅଧିକାରୀ ଦିଲ୍ଲୀପ ମହାନ୍ତି, ପୌରଯନ୍ତ୍ରୀ ଅନୁରାଧା ପ୍ରଧାନ, କାଉନସିଲର ଓ ପୌର କର୍ମଚାରୀଙ୍କ ସମେତ ପିପଲ୍ସ ଫୋରମ ସଂସ୍ଥାର ଏମ୍‌ଡି ଅଶୋକ ପାତ୍ର ଉପସ୍ଥିତ ଥିଲେ। ଆଗାମୀ ଦିନରେ ଗୋଶାଳା କିପରି ସୁଚାରୁରୂପେ କାର୍ଯ୍ୟକାରୀ ହେବ ଏବଂ ସହରରେ ଥିବା ବୁଲା ଗୋରୁ, ଷଣ୍ଢଙ୍କ କିପରି ଯତ୍ନ ନିଆଯିବ ସେ ଦିଗରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସେବା ମନବୃତ୍ତି ରଖି ଗୋସେବା କରିବାକୁ ନିଷ୍ପତ୍ତି ହୋଇଥିଲା।

## 'ଆଜିର ସୃଜନୀ'ର ୫ମ ବାର୍ଷିକୋତ୍ସବ

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ)**

ମହିଳା ଏବଂ ଶିଶୁ ବିକାଶ ପାଇଁ କାର୍ଯ୍ୟ କରୁଥିବା 'ଆଜିର ସୃଜନୀ' ଅନୁଷ୍ଠାନର ପଞ୍ଚମ ବାର୍ଷିକୋତ୍ସବ ସ୍ଥାନୀୟ ଗୀତଗୋବିନ୍ଦ ସଦନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ବିଶିଷ୍ଟ ଅତିଥିପଦ୍ମଶ୍ରୀ ତୁଳସୀ ମୁଣ୍ଡା, ସମ୍ମାନିତ ଅତିଥି ସଂଘମିତ୍ରା ପତି, ମୁଖ୍ୟବକ୍ତା ଶକୁନ୍ତଳା ବଳିଆରସିଂହ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପତ୍ରିକା 'ସ୍ମୃତିରେ ସୃଜନୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସୁଜାତା ରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରତିଷ୍ଠାତ୍ରୀ ସୁଜାତା ନନ୍ଦ ଅନୁଷ୍ଠାନର କାର୍ଯ୍ୟକଳାପ ଉପରେ ଅଭିଭାଷଣ ରଖିଥିଲେ। ସ୍ୱର୍ଣ୍ଣପ୍ରଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁରୁଜଙ୍ଗ, ସତ୍ୟପୀର କ୍ଲବ ସେମିଫାଇନାଲରେ

**କାଇପଦର କ୍ରିକେଟ ଟୁର୍ଣ୍ଣାମେଣ୍ଟ**

**ଖୋର୍ଦ୍ଧା ଅଫିସ,୧୧।୧୧**

ସତ୍ୟପୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା କାଇପଦର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ଗୁରୁଜଙ୍ଗ କ୍ରିକେଟ ଆସୋସିଏଶନ ଏବଂ ଦେଉଳଟାଙ୍ଗୀ ମା'ବଘେଇ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୁରୁଜଙ୍ଗ ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୧୬ ଓଭରରେ ୧୦ ଉଇକେଟ ବିନିମୟରେ ୧୬୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ଗୁମାରନସିଂ ୨୬ ବଲରେ ୪୪ ରନ କରିଥିଲେ। ମା'ବଘେଇ କ୍ଲବର ସୁଜିତ୍ ପରିଡା ୩ ଓଭରରେ ୨୧ରନ ଦେଇ ୩ଟି ଉଇକେଟ ନେଇଥିଲେ। ଜବାବରେ ମା'ବଘେଇ କ୍ଲବ ୧୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୫ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଗୁରୁଜଙ୍ଗ ୩୧ରନ ବ୍ୟବଧାନରେ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ମୁନିନ୍ଦ ଚମ୍ପତିସିଂ, ଝୁଲୁ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କଲ୍ୟାଣପୁର ଗାଦିବ୍ରହ୍ମ କ୍ରିକେଟ କ୍ଲବ ଓ ଆୟୋଜକ ସତ୍ୟପୀର ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ସତ୍ୟପୀର ଟିମ୍ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୨୬୦ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଶାନ୍ତ ସାମନ୍ତରାୟ ୨୮ବଲରେ ୭୦, ଲିଟିଲ ଚମ୍ପତିରାୟ ୩୫ ବଲରେ ୮୦ ରନ କରିଥିଲେ। କଲ୍ୟାଣପୁର ଟିମର ଆଜାଦ୍ ଖାନ୍ ୪ ଓଭରରେ ୪୩ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଜବାବରେ କଲ୍ୟାଣପୁର ଟିମ୍ ୮ ଉଇକେଟ ବିନିମୟରେ ୧୩୫ରନ କରି ପରାଜିତ ହୋଇଥିଲା। ସତ୍ୟପୀର ସ୍ପୋର୍ଟିଂ କ୍ଲବର ଆରମାନ୍ ଖାନ୍ ୪ ଓଭରରେ ୨୦ରନ ଦେଇ ୪ଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଝଜ ସାମନ୍ତରାୟ, ଗୋପୀନାଥ ମାଝୀ, ସନ୍ଦିପ ଛୋଟରାୟ ମ୍ୟାଚ୍ ପରିଚାଳନା କରିଥିଲେ।





ଅତିଥିଙ୍କଠାରୁ ଦୁଇ ଦଳର ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

## ଅସହାୟ ପରିବାରଙ୍କୁ ସହାୟତା

**ଜଟଣୀ,୧୧।୧୧(ଡି.ଏନ୍.ଏ.)**

ଜଟଣୀ ବ୍ଲକ ତିରିମଲ ପଞ୍ଚାୟତ ଅନ୍ତର୍ଗତ ବାପାମା' ସେବାଶ୍ରମ ରାଣୀପୁର ଏବଂ ଜନ ଅଧିକାର ସଂଘ ଓଡିଶା ଶାଖା ପକ୍ଷରୁ ଅସହାୟ ପରିବାରଙ୍କୁ ଖାଦ୍ୟ ସାମଗ୍ରୀ ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପୌରାଞ୍ଚଳ ୱାର୍ଡ ନମ୍ବର ୧୫ ହାଟବଜାରରେ ରହୁଥିବା ପରିବାର, ଲୋକ କଲୋନୀ ଅଞ୍ଚଳରେ ଗଛତଳେ ରହୁଥିବା ପରିବାର, ପାଇକରାପୁର ଅଞ୍ଚଳର ଜଣେ କ୍ୟାନ୍ସର ପୀଡ଼ିତ ଅରୁପାନନ୍ଦ ନାୟକ ଏବଂ ରାମଚନ୍ଦ୍ରପୁର ବଜାର ଅଞ୍ଚଳରେ ରହୁଥିବା ୧୦ବର୍ଷର ଚନ୍ଦନ ବେହେରା ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ପରିବାରକୁ ଏହି ସହାୟତା ପ୍ରଦାନ କରାଯାଇଥିଲା। ବାପାମା'ସେବାଶ୍ରମର ମୁଖ୍ୟ ଗୌତମ ମହାରଣା, ବାସୁଦେବ ସେଠୀ ଏବଂ ସନ୍ତୋଷୀ ଜାଲିଙ୍କ ଉପସ୍ଥିତିରେ ସାମଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ହରିପୁର ପଞ୍ଚାୟତର ଅରଗୁଳ ଏବଂ ବେଣାପଞ୍ଝରୀ ଗାଁର ଗରିବ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସାମାଜିକକର୍ମୀ ବାସୁଦେବ ସେଠୀ କହିଛନ୍ତି।

## ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବୋଲଗଡ଼,୧୧।୧୧(ଡି.ଏନ୍.ଏ.)**

ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ମୌଲାନା ଅବୁଲ କଲାମ ଆଜାଦଙ୍କ ୧୩୪ତମ ଜନ୍ମତିଥି ଉପଲକ୍ଷେ ଅନୁଷ୍ଠିତ ସହଯୋଗାତ୍ମକ ଶିକ୍ଷଣ ମାଧ୍ୟମରେ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ସମ୍ପର୍କର ବିକାଶ ଶୀର୍ଷକ ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଗାନ୍ଧୀ କୁମାର ସାହୁ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ମୌଲାନା ଆଜାଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ପରେ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀଙ୍କ ରଚନା ଓ ସଂଯୋଜନାରେ ଛାତ୍ରୀଛାତ୍ର ସଙ୍ଗୀତ ଗାନ କରିଥିଲେ। ଅଧ୍ୟକ୍ଷ ହେମନ୍ତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଗଣେଶ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ଇତିଶ୍ରୀ ପ୍ରଧାନ, ଆଦ୍ୟାଶା ଦିବ୍ୟଦର୍ଶିନୀ, ହରପ୍ରିୟା ସାହୁ, ସବିନା ତବାସମ ପ୍ରମୁଖ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ଶିକ୍ଷା ବିଭାଗର ଅଧ୍ୟକ୍ଷ ଡ.କ୍ଷେତ୍ରମୋହନ ମିଶ୍ର, ବେଗୁନିଆ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ.ପ୍ରମୋଦ ଚନ୍ଦ୍ର ଦାଶ ଓ ପରମାନନ୍ଦ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସହଯୋଗାତ୍ମକ ଶିକ୍ଷଣ – ଶିକ୍ଷଣ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ ଓ ଜୀବନ୍ତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ରଞ୍ଜନ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ପ୍ରାଧ୍ୟାପକ ଜୟନ୍ତ ବିଶ୍ୱାଳ, କର୍ମୋଦୟ ଛୋଟରାୟ, ଅଧ୍ୟାପକ ରଙ୍କନାଥ ମହାରଣା, ପ୍ରାଧ୍ୟାପିକା ସଞ୍ଜୁକ୍ତା ମିଶ୍ର, ଅନସୂୟା ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କେରଙ୍ଗ-ଶରଧାପୁର ଫାଇନାଲ ଆଜି

**ଖୋର୍ଦ୍ଧା ଲିଗ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

**ଖୋର୍ଦ୍ଧା ଅଫିସ,୧୧।୧୧**

ଜୟଦୁର୍ଗା କ୍ଲବ ଏବଂ ଖୋର୍ଦ୍ଧା ସ୍ପୋର୍ଟସ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ତରତୁଆର ରାଇଜିଂଷ୍ଟାର ଓ କେରଙ୍ଗର ଅହମ୍ମଦିଆ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ନିୟମ ମୁତାବକ ଟାଇବ୍ରେକର ପଦ୍ଧତିରେ ଅହମ୍ମଦିଆ କ୍ଲବ ୫-୩ ଗୋଲରେ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ପ୍ରଫୁଲ୍ଲ କୁମାର ବେହେରା, ମନୋରଞ୍ଜନ ଖୁଣ୍ଟିଆ, ବିଦେଶୀ ନାୟକ, ଯୋଗେନ୍ଦ୍ର ନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଶନିବାର ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଏବଂ କେରଙ୍ଗର ଅହମ୍ମଦିଆ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ କହିଛନ୍ତି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

# ଛାତ୍ରୀନିବାସ ଯୋଡ଼ିଥିଲା ସମ୍ପର୍କ

**ପୁରୁଣା ସ୍ମୃତି ମନେପକାଇଲେ ରାଷ୍ଟ୍ରପତିଙ୍କ ସହପାଠୀ**

**ଖୋର୍ଦ୍ଧା ଅଫିସ,୧୧।୧୧**

ଦୁଇଦିନିଆ ଓଡ଼ିଶା ଗସ୍ତ ସାରି ନୂଆଦିଲ୍ଲୀ ଫେରିଯାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି ହେବା ପରେ ଏହା ଥିଲା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ। ପିଲାଦିନେ ରାଷ୍ଟ୍ରପତିଙ୍କ ସହ ସମୟ କାଟିଥିବା ଅନେକ ସହପାଠୀ ରହିଛନ୍ତି। ଯେଉଁମାନେ ପୁରୁଣା ସ୍ମୃତିକୁ ମନେପକାଇ ଗର୍ବ ଅନୁଭବ କରୁଛନ୍ତି। ଏଭଳି ଜଣେ ସହପାଠୀ ହେଉଛନ୍ତି ବେଗୁନିଆ ବ୍ଲକ ଦୁର୍ଗାପୁର ଗ୍ରାମର ଗୌରୀ ମଲ୍ଲିକ। ପୁରୁଣା ସ୍ମୃତି ବଖାଣିଥିଲେ ଗୌରୀ। ଭୁବନେଶ୍ୱର କ୍ୟାପିଟାଲ ବାଳିକା ହାଇସ୍କୁଲରେ ୧୯୭୧ରୁ ୧୯୭୪ ମସିହା ପର୍ଯ୍ୟନ୍ତ ଏକାଠି ପଢୁଥିଲେ। ଯାହା ସହ ଦିନେ ସ୍କୁଲ, କ୍ଲାସ ଏବଂ ହଷ୍ଟେଲରେ ରହି ପାଠ ପଢୁଥିଲେ ପରିଣତି ବୟସରେ ତାଙ୍କୁ ରାଷ୍ଟ୍ରପତି ଭାବେ ଦେଖିବି ବୋଲି ସ୍ୱପ୍ନରେ ଭାବିନଥିଲି। ୮ମ, ୯ମ, ୧୦ମ ଓ ଏକାଦଶ ଏକାଠି ମିଶି ପଢିଛୁ। ଆଦିବାସୀ ଛାତ୍ରୀନିବାସରେ ଗୋଟିଏ ଗୃହରେ ରହୁଥିଲୁ। ଉଭୟଙ୍କ ଖଟ ପାଖାପାଖି ରହିଥିଲା। ସକାଳୁ ଉଠି ପ୍ରାର୍ଥନା, ଖାଇବା ଠାରୁ ଆରମ୍ଭ କରି ସବୁ କାମ ମିଳିମିଶି କରୁଥିଲୁ। ରାଷ୍ଟ୍ରପତିଙ୍କ ଶାନ୍ତାଳି ଗୀତ ଓ ନାଚ ପ୍ରତି ବିଶେଷ ରୁଚି ରହିଥିଲା। ସେ ଅବସର ସମୟରେ ଗୀତ ଗାଇ ନାଚ କରୁଥିଲେ। ମୋର ଆଗ୍ରହକ୍ରମେ ସେ ମୋତେ ମଧ ଶିଖାଇଥିଲେ। ତାଙ୍କ ସହ ମିଶି ଅନେକ କାର୍ଯ୍ୟକ୍ରମରେ ନାଚିଛି। ଯେତେବେଳେ ତାଙ୍କ ନାମ ରାଷ୍ଟ୍ରପତି ପାଇଁ ଘୋଷଣା କରାଯାଇଥିଲା ଏବଂ ଦାୟିତ୍ୱ ଗ୍ରହଣ କରିଥିଲେ ବହୁତ ଖୁସି ହୋଇଥିଲି। ସ୍ମୃତି ସ୍ୱରୂପ ତାଙ୍କ ସହ ଉଠାଇଥିବା ଫଟୋ ଏବେ ବି ମୋ ପାଖରେ ରହିଛି। ଏବେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଅବସରରେ ସେ କ୍ୟାପିଟାଲ ବାଳିକା ହାଇସ୍କୁଲକୁ ଯାଇଥିଲେ। ଟିଭି ପରଦାରେ ଦେଖି ଆନନ୍ଦ ଲାଗିଲା। ସାଙ୍ଗ ପାଇଁ ଅତ୍ୟନ୍ତ ଗର୍ବିତ। ସୁଯୋଗ ମିଳିଲେ, ତାଙ୍କୁ ସାକ୍ଷାତ କରିବି। ଫଟୋଚିତ୍ର ଦେଖିଲେ ସେ ମୋତେ ଚିହ୍ନିପାରିବେ ବୋଲି କହିଥିଲେ।



ଉପରଧାଡି (ବାମରୁ ୪)ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।



ଫଟୋ ଦେଖାଉଛନ୍ତି ଗୌରୀ ମଲ୍ଲିକ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୧।୧୧।୨୦୨୨

| ୪, ୪୪, ୫୩୯ ଟଙ୍କା | |
|---|---|
| ସୁନା | ୧ ଗ୍ରାମ |
| ରୁପା | ୯୬.୮୦୦ ଗ୍ରାମ |

## ସଂକ୍ଷେପରେ

### ବଟି ଆଦାୟ୍ କରି ୨ ଗିରଫ: ଛୁରି, ଟଙ୍କା ଜବତ

**ଦୁର୍ଦ୍ଦାନ୍ତ ସୁବାସଙ୍କ ନାମରେ ରହିଛି ୩୦ ମାମଲା**

ପୁରୀ ଅଫିସ, ୧୧।୧୧: ବଟି ଆଦାୟ୍ ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦରଜିପୋଖରୀ ଛକ କାଚେରା ମଠ ଲେନ୍‌ର ସୁବାସ ମହାନ୍ତି ଓରଫ ଗିଲ୍ଟି କାଲୁ ଏବଂ ରାମଚଣ୍ଡୀ ସାହି ବାଲିକୁଦର କାର୍ତ୍ତିକ ମଲ୍ଲିକ୍। ଏମାନଙ୍କ ନିକଟରୁ ଗୋଟିଏ ଛୁରି ଏବଂ ନଗଦ ୨୫୦ ଟଙ୍କା ଜବତ ହୋଇଛି। ପୋଲିସ ଏ ନେଇ ଏକ କେସ୍ (ନଂ. ୨୯୦/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ବଳଗଣ୍ଡି ଛକ ନିକଟରେ ଦୋକାନୀଙ୍କୁ ଛୁରି ଦେଖାଇ ବଟି ଆଦାୟ୍ କରୁଥିଲେ। ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତ ଦୁଇଜଣଙ୍କୁ ଗିରଫ କରିଥିଲା। ସୁବାସଙ୍କ ନାମରେ ପୁରୀ ସହରର ବିଭିନ୍ନ ଥାନାରେ ପୂର୍ବରୁ ୩୦ଟି ମାମଲା ଥିବା ବେଳେ କାର୍ତ୍ତିକଙ୍କ ନାମରେ ଦୁଇଟି ମାମଲା ଥିବା ପୋଲିସ କହିଛି।

### ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ତାଲିମ ଶିବିର

ନିମାପଡ଼ା,୧୧।୧୧(ଡି.ଏନ୍.ଏ.): ମୁଖ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଏକ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ତାଲିମ୍ ଶିବିର ନିମାପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିଥି ଭାବେ ବିଡିଓ ବସନ୍ତ କୁମାର ମଲ୍ଲିକ, ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ଅଫିସର(ଜିପିଓ) ଆଦିତ୍ୟ ନାରାୟଣ ରଥ, ଗୁଣନିଧି ସାହୁ ପ୍ରମୁଖ ଯୋଗଦେଇ ଭୋଟର ତାଲିକା ସଂଶୋଧନ ପଦ୍ଧତି ଉପରେ ଗୁରୁତ୍ୱାରୋପ କରି ତାଲିମ ପ୍ରଦାନ କରିଥିଲେ। ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ବାଳକ ବାଳିକା, ଯୁବକ ଯୁବତୀଙ୍କୁ ନୂତନ ଭୋଟର ହେବା ପାଇଁ ତାଲିକାରେ ନାମ ପଞ୍ଜିକୃତ କରାଯିବା, ଭୋଟର କାର୍ଡ ସହ ଆଧାରକାର୍ଡର ସଂଯୋଗୀକରଣ କରାଯିବା, ନୂତନ ଭୋଟର ହେବାକୁ ଇଚ୍ଛୁକ ବ୍ୟକ୍ତି ଅନ୍‌ଲାଇନ ବ୍ୟବସ୍ଥାରେ ଆବେଦନ କରିବା, ଭୋଟର ତାଲିକାରେ ନିଜ ତଥ୍ୟ ଭୁଲ ଥିଲେ ତ୍ରୁଟି ସଂଶୋଧନ କରିବା, ଠିକ୍ ଭୋଟର ତାଲିକା ପ୍ରସ୍ତୁତ କରାଯିବା ସମ୍ପର୍କରେ ବୁଥ୍ ଲେଭୁଲ ଅଫିସର(ବିଏଲ୍‌ଓ) ଓ ବୁଥର ସୁପରଭାଇଜରଙ୍କୁ ଅଧିକାରୀମାନେ ବିଶଦ ଭାବେ ଅବଗତ କରି ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ୍ ଶିବିରରେ ନିମାପଡ଼ା ବ୍ଲକର ୧୯୭ଟି ବୁଥର ବିଏଲ୍‌ଓ, ୨୦ଜଣ ସୁପରଭାଇଜର ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।

# 'ଲୋକଙ୍କ ନିକଟତର ହୋଇ ସେବା କର'



ଗୋପ ପଞ୍ଚାୟତ ସମିତି ବୈଠକରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

**ଗୋପ ପଞ୍ଚାୟତ ସମିତି ବୈଠକ**

ଗୋପ,୧୧।୧୧(ଡି.ଏନ୍.ଏ.)

ସରକାରୀ ଯୋଜନା ଜନସାଧାରଣଙ୍କ ନିକଟରେ ପହଞ୍ଚାଅ। ଜନସାଧାରଣଙ୍କ ନିକଟତର ହୋଇ ଜନ ପ୍ରତିନିଧିମାନେ କାର୍ଯ୍ୟକର। ସରକାରୀ ଅଫିସ୍‌କୁ ଆସୁଥିବା ବିଭିନ୍ନ ବର୍ଗର ଲୋକଙ୍କୁ ସହଜ ଓ ସୁବିଧାରେ ସେବା ଯୋଗାଅ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଶୁକ୍ରବାର ଗୋପ ପଞ୍ଚାୟତ ସମିତିର ବୈଠକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ପରିମଳ, ସାମାଜିକ ସୁରକ୍ଷା, ଯୋଗାଣ, ଉଦ୍ୟାନ ଓ ରାଜସ୍ୱ ବିଭାଗର ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି କୃଷି ବିଭାଗ ଉପରେ ଆଲୋଚନା ବେଳେ ବ୍ଲକ କୃଷି ଅଧିକାରୀ ଚନ୍ଦ୍ରଶେଖର ଦାସ କାଳିଆ ଯୋଜନା, ପିଏମ୍ କିଶାନ ଯୋଜନା ସମେତ ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନା କରିଥିଲେ। ଏଥିରେ ମନ୍ତ୍ରୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ ସମସ୍ତ ପ୍ରକାର ସରକାରୀ ଯୋଜନାରେ ସାହାଯ୍ୟ କରିବାକୁ ଜନପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ମନ୍ତ୍ରୀ ତୁଷାରିକାନ୍ତି ବେହେରା ଯୋଗଦେଇ ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିବାବେଳେ ଜନସାଧାରଣଙ୍କ ନିକଟରେ ଯେପରି ସମସ୍ତ ଯୋଜନା ଠିକ୍ ଭାବେ ପହଞ୍ଚିବ ସେଭଳି କାର୍ଯ୍ୟ କରିବାକୁ ଜନପ୍ରତିନିଧିଙ୍କୁ କହିଥିଲେ। ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଅଣ୍ଡରା- ଇଚ୍ଛାପୁର ପଞ୍ଚାୟତରେ ୪ ବର୍ଷ ଧରି ଓଭରହେଡ୍ ପାଣି ଟାଙ୍କି ଲାଗି ଟେଣ୍ଡର କରାଯାଇଥିବାବେଳେ କାର୍ଯ୍ୟ କାହିଁକି ହୋଇ ନାହିଁ ବୋଲି ଅଭିଯୋଗ କରିଥିଲେ। ସେହିପରି ତରକୋର ସରପଞ୍ଚ ସୁଶାନ୍ତ ପରିଡ଼ା କିଛିମାସ ଧରି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପାନୀୟ ଜଳଯୋଗାଣ କରାଯାଉଥିବାବେଳେ ବିଲ୍ ମିଳୁ ନ ଥିବା ଯୋଗୁ ଜଳ ଯୋଗାଉଥିବା ବ୍ୟକ୍ତିମାନେ ଜଳ ଯୋଗାଣ ବନ୍ଦ କରିବେ ବୋଲି କହିଥିଲେ। ଏହାଉପରେ ଗୁରୁତ୍ୱ ଦିଆଯାଇ ପଦକ୍ଷେପ ନିଆଯିବ ବୋଲି ବିଡିଓ କହିଥିଲେ। ସେହିପରି ଶିମିଳିରେ ବସୁଧା ଯୋଜନାରେ ହୋଇଥିବା ଜଳପ୍ରକଳ୍ପ ମରାମତି ଓ ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଲୋକେ ପିଇବା ପାଣି ପାଉ ନ ଥିବା ଅଭିଯୋଗ କରିଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଣ ବିଭାଗ ସମେତ ଆଉ କେତେକ ବିଭାଗ ଉପରେ ଅଭିଯୋଗ ହୋଇ ନ ଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ପୁଷ୍ପାରାଣୀ ନାୟକ, ଏମ୍‌ପିଙ୍କ ପ୍ରତିନିଧି ବାଲୁଙ୍କେଶ୍ୱର ସାହୁ, ବିଡିଓ ଦୀପ୍ତିରାଣୀ ଦାସ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ଜସ୍ମିନ୍ ଆଫ୍ରୋଜ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ରଞ୍ଜନ ସାହୁ, ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଦୀନକୃଷ୍ଣ ସାହୁ, ବ୍ଲକ୍ ସହକାରୀ ଯନ୍ତ୍ରୀ ଅଶୋକ ପୃଷ୍ଟି, ଶ୍ୱେତା ଦାସ, ସହକାରୀ ପ୍ରୋଗ୍ରାମ ଅଧିକାରୀ ମୋନାଲିସା ଶତପଥୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଉଠା ଜଳସେଚନ ବିଭାଗ ସମେତ ଅନେକ ବିଭାଗର ଅଧିକାରୀ ଅନୁପସ୍ଥିତ ଥିବାରୁ ବୈଠକରେ ଅସନ୍ତୋଷ ଦେଖାଦେଇଥିଲା।





ପୁରୀଠାରେ ଶୁକ୍ରବାର ଆୟୋଜିତ ପ୍ରଗତିଶୀଳ ଉତ୍କଳ ସମାଜର ରାଷ୍ଟ୍ରୀୟ ଅଧିବେଶନ ଅବସରରେ ବାହାରିଥିବା ଶୋଭାଯାତ୍ରା।

## ପ୍ରଗତିଶୀଳ ଉତ୍କଳ ସମାଜର ରାଷ୍ଟ୍ରୀୟ ଅଧିବେଶନ

ପୁରୀ ଅଫିସ, ୧୧।୧୧

ପ୍ରଗତିଶୀଳ ଉତ୍କଳ ସମାଜର ରାଷ୍ଟ୍ରୀୟ ଅଧିବେଶନ ଶୁକ୍ରବାର ଦୁଧଓ୍ୱାଲା ଧର୍ମଶାଳାରେ ପ୍ରଗତିଶୀଳ ଏବଂ ପ୍ରାଉଟିଷ୍ଟ ସର୍ବସମାଜର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅର୍ଥନୈତିକ ଲୋକତନ୍ତ୍ର, ଦୁର୍ନୀତି ଓ ଶୋଷଣମୁକ୍ତ ସମାଜ ଗଠନ, ସାମାଜିକ ସାଂସ୍କୃତିକ ପୁନଃଜାଗରଣ, ଅର୍ଥନୈତିକ ବିକେନ୍ଦ୍ରୀକରଣ, ସର୍ବନିମ୍ନ ଆବଶ୍ୟକତା ପୂରଣ ଯଥା ଖାଦ୍ୟ,ବସ୍ତ୍ର, ଶିକ୍ଷା, ସ୍ୱାସ୍ଥ୍ୟ ଓ ବାସଗୃହ ଆଦିର ଗ୍ୟାରେଣ୍ଟି ସହ କୃଷି ଓ ଶିଳ୍ପକୁ ମର୍ଯ୍ୟାଦା ଦାବି ନେଇ ରାଷ୍ଟ୍ରୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଉତ୍କଳ ସମାଜର ରାଜ୍ୟ ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ପ୍ରାଉଟିଷ୍ଟ ସର୍ବସମାଜର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ମହେନ୍ଦ୍ର ପ୍ରତାପ ସିଂହ, ରାଷ୍ଟ୍ରୀୟ ସମ୍ପାଦକ ସୁଶିଲ କୁମାର ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ମତ ଉପସ୍ଥାପନ କରିଥିଲେ। ଉକ୍ତ ଅଧିବେଶନରେ ଦେଶର ବିଭିନ୍ନ ରାଜ୍ୟର ୭୦୦ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

## ରାଷ୍ଟ୍ରପତିଙ୍କୁ ଭୁବନେଶ୍ୱର ଓକିଲ ସଂଘର ସମ୍ବର୍ଦ୍ଧନା, ଦାବିପତ୍ର

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

ରାଜଭବନଠାରେ ଭୁବନେଶ୍ୱର ଓକିଲ ସଂଘ ସଭାପତି ରବିନାରାୟଣ ସାମନ୍ତରାୟଙ୍କ ନେତୃତ୍ୱରେ ଏକ ଟିମ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଆଲୋଚନା ସମୟରେ ଓକିଲ ସଂଘ ଦ୍ୱାରା ଦୀର୍ଘ ୩୨ ବର୍ଷ ଧରି ଭୁବନେଶ୍ୱରରେ ହାଇକୋର୍ଟ ସ୍ଥାପତି କରିବା ଦାବିକୁ ଦୋହରାଯାଇଥିଲା। ଏକ ବିସ୍ତାରିତ ବିବରଣୀଯୁକ୍ତ ଦାବିପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି।

# ସମର୍ଥକଙ୍କୁ ନେଇ ଶକ୍ତି ପ୍ରଦର୍ଶନ କଲେ ସଞ୍ଜୟ

**ବିଜେଡିର ଜନସମ୍ପର୍କ ପଦଯାତ୍ରା**

ପୁରୀ ଅଫିସ, ୧୧।୧୧

ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ଶୁକ୍ରବାର ବିଜୁ ଜନତା ଦଳ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକ୍‌ରେ ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ସହସ୍ରାଧିକ ନେତା ଓ କର୍ମୀଙ୍କୁ ସାମିଲ୍ କରି ସଞ୍ଜୟ ନିଜ ଶକ୍ତି ପ୍ରଦର୍ଶନ କରିଛନ୍ତି। ୨୦୨୪ ନିର୍ବାଚନ ପୂର୍ବରୁ ସଞ୍ଜୟଙ୍କ ଏଭଳି ଶକ୍ତି ପ୍ରଦର୍ଶନ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ପଦଯାତ୍ରା ବକ୍ରକୋଟଠାରୁ ବାହାରି ପ୍ରାୟ ୫କିମି ଦୂର ମାଲୁଦ ପଞ୍ଚୁଦୋଳ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଆୟୋଜିତ ସାଧାରଣ ସଭାରେ ସଞ୍ଜୟ କହିଥିଲେ, ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ ଅନୁଷ୍ଠିତ ହେଉଥିବା ଜନସମ୍ପର୍କ ପଦଯାତ୍ରା ଜନପ୍ରତିନିଧିଙ୍କୁ ଲୋକଙ୍କ ଆହୁରି ନିକଟତର ହେବାର ସୁଯୋଗ ସୃଷ୍ଟି କରିଛି। ନିର୍ବାଚିତ ଜନପ୍ରତିନିଧି ସର୍ବଦା ଜନତାଙ୍କ ନିକଟରେ ଉତ୍ତରଦାୟୀ। ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟରେ ଉଲ୍ଲେଖନୀୟ ବିକାଶ ହେଉଛି। ସାଢ଼େ ୪ କୋଟି ଓଡ଼ିଆଙ୍କ କଲ୍ୟାଣ ପାଇଁ ବିଗତ ଦୁଇଦଶନ୍ଧି ଧରି ମୁଖ୍ୟମନ୍ତ୍ରୀ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଫଳରେ ଅବହେଳିତ କୃଷ୍ଣପ୍ରସାଦ ଅଞ୍ଚଳରେ ଗଢ଼ିଉଠିଥିବା ଆଇଟିଆଇ କଲେଜ, ମାଲୁଦଠାରେ ଆଦର୍ଶ ବିଦ୍ୟାଳୟ, ଦମକଳ କେନ୍ଦ୍ର, ମଏଁସା ଓ ବ୍ରହ୍ମପୁରକୁ ବିଦ୍ୟୁତ ସଂଯୋଗ, ତିତିପ ଠାରେ ୩୩ କେଭି ଇଲକ୍ଟ୍ରୋନିକ୍ ଗ୍ରୀଡ୍ ସବ୍‌ଷ୍ଟେଶନ ପ୍ରତିଷ୍ଠା ସହ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିଛି। ଋଷିକୂଲ୍ୟା ନଦୀରୁ କୃଷ୍ଣପ୍ରସାଦ ବ୍ଲକକୁ ୧୮୨ କୋଟି ଟଙ୍କା ବ୍ୟୟରେ ବୃହତ ପାନୀୟଜଳ ପ୍ରକଳ୍ପ ହୋଇପାରିଛି ବୋଲି ସେ କହିଥିଲେ। ଏହି ସଭାରେ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ପୁରୀ ଏମ୍‌ପିଙ୍କ ପ୍ରତିନିଧି ରାଜକିଶୋର ବିଶ୍ୱାଳ, ଯୁଧିଷ୍ଠିର ନାୟକ, କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ଉପାଧ୍ୟକ୍ଷା ଶକୁନ୍ତଳା ଗଡ଼ୁ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନମାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଜିଲାପରିଷଦ ସଦସ୍ୟ ଜନ୍ମେଶ୍ୱର ସାହୁ, ସନ୍ଦିପ ଜେନା, କୃଷ୍ଣପ୍ରସାଦ ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ବ୍ରହ୍ମଗିରି ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁ, ନିର୍ବାଚନମଣ୍ଡଳୀ ଯୁବ ସଭାପତି ଦିଲୀପ ରଣସିଂହ, ବ୍ଲକ ଯୁବ ବିଜେଡି ସଭାପତି ଅଭୟ ମହାପାତ୍ର, ବ୍ରହ୍ମଗିରିର ଯୁବନେତା ଗୋବିନ୍ଦ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ।





ସଭାରେ ସଞ୍ଜୟ କୁମାର ଦାସବର୍ମା ଉଦ୍‌ବୋଧନ ଦେଉଛନ୍ତି।

# ନିଶା ନିବାରଣ କେନ୍ଦ୍ରରେ ନାବାଳକଙ୍କୁ ମାଡ଼

**ଭିଡିଓ ଭାଇରାଲ**

ପୁରୀ ଅଫିସ, ୧୧।୧୧

ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଅନ୍ତେବାସୀଙ୍କୁ ମାଡ଼ ମରାଯିବା ସହ ନିର୍ଯ୍ୟାତନା ଦିଆଯାଉଥିବାର ଭିଡିଓ ଭାଇରାଲ ହୋଇଛି। ତେବେ ଏହି ଭିଡିଓଟି କେଉଁ ଦିନର ଓ କେଉଁ ନିଶା ନିବାରଣ କେନ୍ଦ୍ରର ତାହା ସ୍ପଷ୍ଟ ହୋଇପାରିନାହିଁ। ତେବେ ଏହି ଭିଡିଓଟି ପୁରୀ ପେଣ୍ଟକଟା ମେରାଇନ୍ ଥାନା ଅଞ୍ଚଳରେ ଥିବା ଏକ ନିଶା ନିବାରଣ କେନ୍ଦ୍ରର ବୋଲି ଚର୍ଚ୍ଚା ଚାଲିଛି। ଉକ୍ତ ଭିଡିଓରେ ଜଣେ ନାବାଳକ ଅନ୍ତେବାସୀ କାନ୍ଦୁଥିବା ଦେଖିବାକୁ ମିଳୁଛି। ମତେ ବାଡାଅନି, ମରିଯିବି, ମୋତେ କାହିଁକି ଏମିତି ମାରୁଛ କହି ମୁଣ୍ଡରେ ହାତ ଦେଇ ନାବାଳକ ଜଣକ କାନ୍ଦୁଥିବା ଦେଖିବାକୁ ମିଳିଛି। ସମ୍ପୃକ୍ତ ନାବାଳକଙ୍କ ନାମ କାର୍ତ୍ତିକ ଓ ସେ ପେଣ୍ଟକଟା ଅଞ୍ଚଳର ବାସିନ୍ଦା ବୋଲି କୁହାଯାଉଛି। ସେ ନିଶା ସେବନ କରୁଥିବାରୁ ନିଶା ନିବାରଣ ପାଇଁ ପରିବାର ଲୋକେ ତାଙ୍କୁ କିଛିଦିନ ତଳେ ମେରାଇନ ଥାନା ଅଞ୍ଚଳର ଏକ ନିଶା ନିବାରଣ କେନ୍ଦ୍ରରେ ଛାଡ଼ିଥିଲେ। ତେବେ ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କୁ ଏଭଳି ନିର୍ଯ୍ୟାତନା ଦିଆଯାଉଥିବାର ଭିଡିଓ ଭାଇରାଲ ହେବା ପରେ ସମ୍ପୃକ୍ତ କେନ୍ଦ୍ରର କର୍ମଚାରୀଙ୍କ କାର୍ଯ୍ୟଧାରାକୁ ସାଧାରଣରେ ନାପସନ୍ଦ କରାଯିବା ସହ ମାଡ ମାରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ମତ ପ୍ରକାଶ ପାଇଛି।

# ମିଥ୍ୟା ଅଭିଯୋଗକୁ ନେଇ ଅଶାନ୍ତି

**ନିମାପଡ଼ା କଲେଜ ଛାତ୍ରୀଙ୍କୁ ର୍‍ୟାଗିଂ ଘଟଣା**

**ଅଧ୍ୟକ୍ଷ କହିଲେ ବଦ୍‌ନାମ କରାଇବାକୁ ଉଦ୍ୟମ**

ନିମାପଡ଼ା,୧୧।୧୧(ଡି.ଏନ୍.ଏ.)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟୟନରତ ଓ କଲେଜର ଛାତ୍ରୀନିବାସରେ ରହୁଥିବା ଜଣେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କୁ ର୍‍ୟାଗିଂ କରାଯାଇଥିବା ନେଇ ଗତ ୪ ତାରିଖରେ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ବିବାଦ ଥମୁ ନ ଥିବାବେଳେ ଶୁକ୍ରବାର କଲେଜ ଅଧ୍ୟକ୍ଷ ରମାକାନ୍ତ ଦାଶ ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଏହା ଏକ ମିଥ୍ୟା ଅଭିଯୋଗ ହୋଇଥିବା ବେଳେ କଲେଜକୁ ବଦନାମ କରିବା ପାଇଁ ଉଦ୍ୟମ କରାଯାଉଥିବା କହିଛନ୍ତି। ଏ ନେଇ ଅଧ୍ୟକ୍ଷ ଦାଶ କଲେଜ ଚିଠି ନଂ. ୮୦୯(୧୫)/୨୨ ଜରିଆରେ ଗଣମାଧ୍ୟମକୁ ଅବଗତ କରାଇଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ, ଉକ୍ତ ଛାତ୍ରୀ, ତାଙ୍କ ବଡ଼ ଭଉଣୀ ଓ ଭାଇଙ୍କ ମିଥ୍ୟା ଅଭିଯୋଗ ଯୋଗୁ କଲେଜରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ମାନସିକ ଆଘାତ ଦେଉଥିବା ବେଳେ କଲେଜରେ ଅଶାନ୍ତି ଦେଖାଦେଇଛି। ନିମାପଡ଼ା କଲେଜରେ କେବେ ର୍‍ୟାଗିଂ କରାଯାଇଥିବା ସମ୍ପର୍କରେ କେହି ବି ସେଲ୍‌ରେ ଅଭିଯୋଗ କରିନାହାନ୍ତି। ଏପରିକି ଛାତ୍ରୀଜଣକ ଛାତ୍ରୀନିବାସର ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, ୱାର୍ଡେନଙ୍କୁ ମଧ୍ୟ କେବେ ର୍‍ୟାଗିଂ ସମ୍ପର୍କରେ ଅବଗତ କରିନାହାନ୍ତି। ଅଯଥାରେ ସେ ଗଣମାଧ୍ୟମରେ ମିଥ୍ୟା କଥା କହିଥିବା ଅଧ୍ୟକ୍ଷ ଦାଶ ବିବୃତ୍ତିରେ ଜଣାଇଛନ୍ତି। ଅନ୍ୟପକ୍ଷେ ଗତ ୩୦ତାରିଖ ରାତିରେ ଛାତ୍ରୀଙ୍କ ବଡ଼ ଭଉଣୀ, ଭାଇ ଛାତ୍ରୀଙ୍କୁ ଦେଖା କରିବାକୁ ଆସି ବିନା ଅନୁମତିରେ ଜବରଦସ୍ତ ମହିଳା ହଷ୍ଟେଲରେ ପଶି ଅନ୍ତେବାସୀ, ହଷ୍ଟେଲ ୱାର୍ଡେନ ଓ ୱାଚମ୍ୟାନଙ୍କୁ ମାଡ଼ ମାରି ଗାଳିଗୁଲଜ କରିଥିଲେ। ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣା ବିଷୟରେ ହଷ୍ଟେଲ ୱାର୍ଡେନ ମମତା ମଞ୍ଜରୀ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଉକ୍ତ ଛାତ୍ରୀ, ତାଙ୍କ ଭଉଣୀ ଓ ଭାଇ ୩ଜଣଙ୍କ ବିରୋଧରେ ଏକ ମାମଲା (ନଂ.୩୬୩/୨୨) ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାକୁ ନେଇ କଲେଜ ଆଗରେ ଛାତ୍ରୀଛାତ୍ରମାନେ ଧାରଣା ଦେଇଥିଲେ।

# ୱାର୍ଡସଭ୍ୟଙ୍କ ମାସିକ ଭତ୍ତା ବୃଦ୍ଧି ଦାବି

**ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଯାପିତ**

କଣାସ,୧୧।୧୧(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରରେ ଥିବା ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଗତ ୯ ତାରିଖଠାରୁ ଆରମ୍ଭ ହୋଇଥିବା ବ୍ଲକର ୪ଟି ପଞ୍ଚାୟତର ୱାର୍ଡସଭ୍ୟାସଭ୍ୟାମାନଙ୍କ ଦକ୍ଷତା ତାଲିମ ଶିବିର ଶୁକ୍ରବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାବିତ ସୁଦର୍ଶନ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବିଭୂତିଭୂଷଣ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଞ୍ଚାୟତର ଉନ୍ନତି ପାଇଁ ୱାର୍ଡସଭ୍ୟାସଭ୍ୟମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏପରିକି ପ୍ରତ୍ୟେକ ୱାର୍ଡସଭ୍ୟାସଭ୍ୟମାନେ ନିଜର ଓ୍ୱାର୍ଡର ସମସ୍ତ ବ୍ୟକ୍ତିଙ୍କୁ ସମାନ ଦୃଷ୍ଟି ରଖିଲେ ୱାର୍ଡର ସାମଗ୍ରିକ ବିକାଶ ସହିତ ପଞ୍ଚାୟତର ଉନ୍ନତି ହେବ ବୋଲି କହିଥିଲେ। ଏହି ଶିବିରରେ ଗଡସାପୁଟ, ଖଣ୍ଡଯଡହତା, ଆଳିବାଡ, ଯାମଳଗୋଦା ପଞ୍ଚାୟତର ୫୩ ଜଣ ୱାର୍ଡସଭ୍ୟାସଭ୍ୟ ଯୋଗଦେଇ ବିଭିନ୍ନ ତାଲିମ ନେଇଥିଲେ। ଅନ୍ୟପଟେ ସରକାର ଦେଉଥିବା ଭତ୍ତାକୁ ବୃଦ୍ଧି କରିବା ପାଇଁ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଦାବି କରିଥିଲେ। ପ୍ରଶାନ୍ତ କୁମାର ମହାପାତ୍ର, ଚିତ୍ତରଞ୍ଜନ ରାଉତ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ପରେ ତାଲିମ ନେଇଥିବା ସମସ୍ତ ୱାର୍ଡସଭ୍ୟା ସଭ୍ୟଙ୍କୁ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ରାଜକିଶୋର ଜେନା, ଲଲାଟେନ୍ଦୁ ବଡଜେନା, ସୁମିତ୍ରା ପ୍ରଧାନ, ରମାକାନ୍ତ ବଳିୟାରସିଂହ ତାଲିମ ଶିବିର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ହକି ବିଶ୍ୱକପ୍‌ର ଲୋକାଭିମୁଖୀ ପାଇଁ ବିବିଧ କାର୍ଯ୍ୟକ୍ରମ

- ଜିଲାର ପ୍ରତି ପଞ୍ଚାୟତ ଓ ବ୍ଲକରେ ହେବ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ
- ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ

ପୁରୀ ଅଫିସ, ୧୧।୧୧

୨୦୨୩ ଜାନୁୟାରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ହକି ବିଶ୍ୱକପ୍ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଜାତୀୟ ଖେଳ ଭାବେ ହକିକୁ ବିବେଚନା କରାଯାଏ। ଓଡ଼ିଶା ଏହାକୁ ପ୍ରାୟୋଜିତ କରିବା ସହ ହକିର ଅଧିକ ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରୁଛି। ଆସନ୍ତା ବର୍ଷ ଓଡ଼ିଶାରେ ହେବାକୁ ଥିବା ହକି ବିଶ୍ୱକପ ପ୍ରତିଯୋଗିତାକୁ ଭବ୍ୟ ଓ ଆକର୍ଷଣୀୟ ଭାବେ ପାଳନ ସହ ସବୁ ବର୍ଗର ଲୋକଙ୍କୁ ସାମିଲ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ତେଣୁ ଏହି ସମୟରେ ପ୍ରତ୍ୟେକ ଜିଲାରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏ ନେଇ ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ଜିଲା ପକ୍ଷରୁ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ଯୋଗଦେଇ ଜିଲା ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଚଳିତ ମାସ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲା ହାଇସ୍କୁଲଠାରେ ରାଜ୍ୟସ୍ତରୀୟ ଖୋ ଖୋ ଚାମ୍ପିୟନଶିପ୍‌ର ଆୟୋଜନ କରାଯାଇଛି। ସେହିପରି ପୁରୀ ପୌରପାଳିକାର ବିଭିନ୍ନ ୱାର୍ଡ଼ରେ ଜିମ୍ନାଷ୍ଟିକ, ଆଥଲେଟିକ୍ସ, ତାଇକୋଣ୍ଡୋ, ସ୍କେଟିଂ, ବକ୍ସିଂ, ୱାକିଂ, ଯୋଗ ଓ ସୂର୍ଯ୍ୟ ନମସ୍କାର, କୁସ୍ତି, ଭାରୋତ୍ତୋଳନ, ବାଇସାଇକେଲ ରନିଂ, ମିନି ମାରାଥନ ଓ ପହଁରା ପ୍ରତିଯୋଗିତାର ଆୟୋଜନ କରାଯାଇଛି ବୋଲି ସେ କହିଥିଲେ। ହକି ବିଶ୍ୱକପ ସମୟରେ ପ୍ରତି ପଞ୍ଚାୟତ ଓ ବ୍ଲକରେ ବିବିଧ କ୍ରୀଡ଼ା ପ୍ରତିଯୋଗିତା କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇ ସବୁ ବର୍ଗର ଲୋକଙ୍କୁ ହକି ମହାକୁମ୍ଭରେ ସାମିଲ କରାଯିବ ବୋଲି ମହାପାତ୍ର କହିଥିଲେ। ଏହି ବୈଠକରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଓର୍‌ମାସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଶାନ୍ତ କୁମାର ଦାସ ଏବଂ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

# ଦାବି ପୂରଣ ନ ହେଲେ ଅସହଯୋଗ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ପୁରୀ ଶାଖା ପକ୍ଷରୁ ଦାବିପତ୍ର**

ପୁରୀ ଅଫିସ, ୧୧।୧୧

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟି ଅଧୀନରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ଚାକିରିକୁ ନିୟମିତ କରାଯିବା ଦାବି ନେଇ ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ପୁରୀ ଜିଲା ଶାଖା ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଏବଂ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ୮୮୧୪ ଜଣ ଠିକା କର୍ମଚାରୀ କାର୍ଯ୍ୟରତ ଥିବାବେଳେ ବିଭିନ୍ନ ପରିସ୍ଥିତିରେ ଉତ୍ତମ ସ୍ୱାସ୍ଥ୍ୟସେବା ପରିଚାଳନା କରୁଛନ୍ତି। ଅଥଚ ଏହି ଠିକା କର୍ମଚାରୀଙ୍କ ପ୍ରତି ସରକାର ଉଦାସୀନତା ମନୋଭାବ ପୋଷଣ କରୁଛନ୍ତି। ଅନ୍ୟ ବିଭାଗର ଠିକା କର୍ମଚାରୀଙ୍କୁ ସରକାର ନିୟମିତ କରୁଥିବାବେଳେ ଉକ୍ତ ୮୮୧୪ ଜଣଙ୍କ ପ୍ରତି ଆଖି ବୁଜିଦେବା ଅତି ଦୁଃଖର ବିଷୟ। ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ପକ୍ଷରୁ ଦାବି କରାଯାଇଛି। ସରକାର ଯଦି ଦାବି ପୂରଣ ନ କରନ୍ତି ତେବେ କର୍ମଚାରୀମାନେ ହଳଦିଆ ବ୍ୟାଚ ପରିଧାନ କରିବା ସହ ସରକାରଙ୍କୁ ଅସହଯୋଗ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମହାସଂଘର ପୁରୀ ଜିଲା ଶାଖା ସମ୍ପାଦକ ଦୁଃଖିଶ୍ୟାମ ପଟ୍ଟନାୟକ ଓ ସଭାପତି ତପନ କୁମାର ସାମଲଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।





ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ପୁରୀ ଶାଖା ପକ୍ଷରୁ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଗଣ୍ଡଗୋଳ: ଅଭିଯୁକ୍ତ ଗିରଫ

କଟକ ସଦର,(ଡି.ଏନ୍.ଏ.): କନ୍ଦରପୁର ଥାନା ଅନ୍ତର୍ଗତ ନିମେଇସାପୁର କାର୍ତ୍ତିକେଶ୍ୱର ଭସାଣିବେଳେ ଗୁରୁବାର ରାତିରେ ଗଣ୍ଡଗୋଳ ଘଟିଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସ୍ଥାନୀୟ ଗ୍ରାମର ସତ୍ୟଜିତ୍ ମହାନ୍ତିକୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ନିମେଇସାପୁର ପଣ୍ଡାସାହି ମେଢ ବିସର୍ଜନ ବେଳେ କୌଣସି କାରଣକୁ ନେଇ ଶ୍ରୀକାନ୍ତ ପଣ୍ଡା ନାମକ ବ୍ୟକ୍ତିଙ୍କ ସହ ଅଭିଯୁକ୍ତଙ୍କର ଗଣ୍ଡଗୋଳ ହୋଇଥିଲା। ଅଭିଯୁକ୍ତ ଜଣକ ଏକ ବୋତଲ ଭାଙ୍ଗି ଶ୍ରୀକାନ୍ତଙ୍କ ପେଟରେ ପୁରାଇ ଦେବା ପାଇଁ ଉଦ୍ୟମ କରିଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ପରେ ଭସାଣିରେ ନିୟୋଜିତ ଥିବା ପୋଲିସ ଗଣ୍ଡଗୋଳସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୨୦୪/୨୨) ରୁଜୁ ହୋଇଛି।

### ସଂକ୍ଷେପରେ

## 'କବିତା ଜୀବନର ସ୍ପନ୍ଦନରେ ସର୍ବଦା ପ୍ରାଣସ୍ପର୍ଶୀ'

କଟକ ଅଫିସ,୧୧।୧୧: ଉତ୍କଳ ସାହିତ୍ୟ ସମାଜ ଓ କେନ୍ଦ୍ର ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ କଟକ ଶତାବ୍ଦୀ ଭବନରେ 'କବିସନ୍ଧି' କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ କବି ଡ. ରଞ୍ଜିତା ନାୟକ ଯୋଗଦେଇ କହିଥିଲେ, କବିତା ଜୀବନର ସ୍ପନ୍ଦନ ଓ ପ୍ରକୃତିର ଅନୁପମ ଛନ୍ଦରେ ସବୁବେଳେ ପ୍ରାଣସ୍ପର୍ଶୀ। ଏଥିରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂ ଅଧକ୍ଷତା କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, କେନ୍ଦ୍ର ସାହିତ୍ୟ ଏକାଡେମୀର ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ ଓ ତପନ ସ୍ୱାଇଁ ପ୍ରମୁଖ ଉପସ୍ଥିତଥିଲେ।

## ବାଲିଯାତ୍ରାରେ ପୁସ୍ତକ ପ୍ରଦର୍ଶନୀ

କଟକ ଅଫିସ,୧୧।୧୧: ସ୍ୟୁସିଆଇ(ସି)ର ପ୍ରତିଷ୍ଠାତା କମ୍ରେଡ ଶିବଦାସ ଘୋଷଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଶୁକ୍ରବାର ବାଲିଯାତ୍ରାରେ ଏକ ବହି ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଷ୍ଟଲ୍‌ରେ ମାର୍କ୍ସବାଦ ଲେନିନବାଦ ଓ ଶିବଦାସ ଘୋଷଙ୍କ ଚିନ୍ତାଧାରାର ପୁସ୍ତକ ପ୍ରଦର୍ଶନ କରାଯାଇଛି। ଏସ୍‌ୟୁସିଆଇ(ସି) ଜିଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀ ସୁକାନ୍ତ ନାୟକ, ବିଜୟ ରାଉତରାୟ, ରାଜ୍ୟ କମିଟି ସଭ୍ୟ ସୁବାସ ନାୟକ, ଏସ୍‌ୟୁସିଆଇ(ସି) ଜିଲା କମିଟି ସଦସ୍ୟ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ବବି ବଳବନ୍ତରାୟ, ଭାଗ୍ୟରବି ଦାସ, ଦୀପକ ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ଇଶା ଧର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପ୍ରଦର୍ଶନୀ ବାଲିଯାତ୍ରା ଶେଷ ତାରିଖ ପର୍ଯ୍ୟନ୍ତ ଚାଲିବ।

## ମେଣ୍ଢା,ଛେଳି ଚୋରଙ୍କୁ ଧରିବା ପାଇଁ ଦାବି

କଣ୍ଟାପଡା,୧୧।୧୧(ଡି.ଏନ୍.ଏ.): ଗୋବିନ୍ଦପୁର ଥାନା ଅଧୀନ ବିଭିନ୍ନ ଗ୍ରାମରେ ମେଣ୍ଢା ଓ ଛେଳି ଚୋରି ବୃଦ୍ଧି ପାଉଛି। ଜ୍ଞାନପୂର୍ଣ୍ଣ ବେହେରାଙ୍କ ନେତୃତ୍ୱରେ ଶୁକ୍ରବାର ଗୋବିନ୍ଦପୁର, ଝାରପଡା, ନୂଆଗାଁ ଆଦି ୪ଟି ପଞ୍ଚାୟତର ଲୋକମାନେ ଗୋବିନ୍ଦପୁର ମା' ମଙ୍ଗଳାଙ୍କ ପାଖରେ ଏକାଠି ହୋଇଥିଲେ। ମେଣ୍ଢା, ଛେଳି ଚୋରଙ୍କୁ ଧରିବା ପାଇଁ ରାତିରେ ପ୍ରତି ଛକରେ ଗାଡ଼ି ଯାଞ୍ଚ କରିବା ଓ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଭଳି ୩ ଦଫା ଦାବିପତ୍ର ଗୋବିନ୍ଦପୁର ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ର ପ୍ରଦାନବେଳେ କଣ୍ଟାପଡା ବ୍ଲକ ଯାଦବ ସଭାପତି ଅନନ୍ତ ଚରଣ ବେହେରା, ଯୁବ ଯାଦବ ସଭାପତି ବିମାନ ବିହାରୀ ବେହେରା, ନିରଞ୍ଜନ ବେହେରା, ଶଙ୍କର ବେହେରା, ଦିବାକର ବେହେରା, ରବୀନ୍ଦ୍ର ବେହେରା ଓ ବାବୁ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗୋଟିଏ ରାତିରେ ୬ ଦୋକାନରୁ ଚୋରି

ସାଲେପୁର,୧୧।୧୧(ଡି.ଏନ୍.ଏ.): ସାଲେପୁର ଅଞ୍ଚଳରେ ଦିନକୁ ଦିନ ଚୋରମାନଙ୍କର ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ବିଳମ୍ବିତ ରାତ୍ରିରେ ବୋଦାମୁଣ୍ଡାଇ ବଜାରରେ ଥିବା ୬ଟି ଦୋକାନରୁ କବାଟ ଭାଙ୍ଗି ଚୋରି ହୋଇଥିବା ସାଲେପୁର ଥାନାରେ ଅଭିଯୋଗ ହୋଇଛି। ସାଲେପୁର ବଜାରଠାରୁ ମଠ ମନ୍ଦିର ସମେତ ବିଭିନ୍ନ ଘରର କବାଟ ଝରକା ଭାଙ୍ଗି ମଧ ଚୋରି ହେଉଛି। କିନ୍ତୁ ଅଦ୍ୟାବଧି କୌଣସି ଗୋଟିଏ ଘଟଣାରେ ପୋଲିସ କାହାକୁ ଗିରଫ କରିବାରେ ସଫଳ ହୋଇନାହିଁ। ପୋଲିସର ଅପାରଗତା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଗୁରୁବାର ବିଳମ୍ବିତ ରାତ୍ରିରେ ବୋଦାମୁଣ୍ଡାଇ ବଜାରରେ ସଞ୍ଜୟ କୁମାର ସାହୁଙ୍କ ବହି ଦୋକାନର କବାଟ ଭାଙ୍ଗି ଲୁଟି ନେଇଥିବାବେଳେ ସୁକାନ୍ତ ପ୍ରଧାନଙ୍କ ପୁଚୁଳି ବଣିଆ ଦୋକାନର କବାଟ ଭାଙ୍ଗି ବହୁ ସାମଗ୍ରୀ ସହ ନଗଦ ୫ହଜାର ଟଙ୍କା ଚୋରି ହୋଇଛି। ସେହିପରି ରଣଜିତ୍ ଦାସଙ୍କ ଫେବ୍ରିକେଶନ୍ ଦୋକାନର କବାଟ ଭାଙ୍ଗି ବହୁ ସାମଗ୍ରୀ ନେବାକୁ ଉଦ୍ୟମ କରିଥିବା ବେଳେ ନ ନେଇପାରି ବାହାରେ ଫୋପାଡି ପଳାଇଛନ୍ତି। ସେହିପରି ଶରତ ରାଉତଙ୍କ ଜଳଖିଆ ଦୋକାନ କବାଟ ଭାଙ୍ଗି ନଗଦ ୨୫୦୦ଟଙ୍କା ଲୁଟି ନେଇଥିବାବେଳେ ରଞ୍ଜନ କୁମାର ରାଉତଙ୍କ ପାନ ଦୋକାନରୁ ନଗଦ ୧ହଜାର ଟଙ୍କା, ପୀତବାସ ଚନ୍ଦଙ୍କ ପରିବା ଦୋକାନ କବାଟ ଭାଙ୍ଗି ପ୍ରାୟ ୧ହଜାର ଟଙ୍କା ଚୋରି କରିନେଇଥିବା ବେଳେ ପନିପରିବା ଫୋପାଡି ନଷ୍ଟ କରିଥିବା ନେଇ ସାଲେପୁର ଥାନାରେ ଅଭିଯୋଗ ହୋଇଛି।

# ଗୋଚାଲାଣ ବନ୍ଦ ଦାବିରେ ରାସ୍ତାରୋକୋ

ତିଗିରିଆ,୧୧।୧୧(ଡି.ଏନ.ଏ.)


ପ୍ରଶାସନିକ ଅଧିକାରୀ ଓ ପୋଲିସ ସହ ଉତ୍ତ୍ୟକ୍ତ ଲୋକେ ଆଲୋଚନା କରୁଛନ୍ତି।

### ଗୋରୁ ବୋଝେଇ ଗାଡ଼ି ଧକ୍କାରେ ବାପା ମୃତ, ପୁଅ ଗୁରୁତର

ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ବାଇପାସ୍ ହନୁମାନ ମନ୍ଦିର ନିକଟରେ ଏକ ଟାଟା ଏସିଇ ଗାଡ଼ି ଧକ୍କାରେ ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ପୁଅ ଗୁରୁତର ହୋଇଛନ୍ତି। ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ମୃତକ ହେଲେ ବାନ୍ଧହୁଡା ଗ୍ରାମର ଦିବାକର ସାହୁ(୬୫)। ଗୁରୁତର ଜଣକ ହେଲେ ପୁଅ କୃଷ୍ଣପ୍ରସାଦ(୪୨)। ଦୁର୍ଘଟଣା ପରେ ଟାଟା ଏସିଇ ଗାଡ଼ି ଘଟଣାସ୍ଥଳରୁ ଚାଲିଯାଇଛି। ଏହି ଗାଡ଼ିରେ ବେଆଇନ ଗୋଚାଲାଣ କରାଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ବିନ୍ଧାଣିମା ବାଇପାସ୍ ହନୁମାନ ଛକଠାରେ ଶୁକ୍ରବାର ଅପରାହ୍ନ ସମୟରେ ଦିବାକର ଓ କୃଷ୍ଣ ପ୍ରସାଦ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ବେଆଇନ୍ ଗୋ ବୋଝେଇ ଗାଡ଼ି ସେମାନଙ୍କୁ ସାମ୍ନା ପଟୁ ଧକ୍କାଦେଇ ପଳାଇଯାଇଥିଲା। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତଖାନା ସ୍ଥାନାନ୍ତର କରାଯାଇଛି। ଚିକିତ୍ସାଧୀନ ଅବସ୍ଥାରେ ଦିବାକରଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଖୁଣ୍ଟୁଣୀ ନରସିଂହପୁର ୬୫ ନଂ.ରାଜ୍ୟ ରାଜପଥ ନମ୍ବର ୬୫ ର ବିନ୍ଧାଣିମା ବାଇପାସ୍‌ରେ ରାସ୍ତାରୋକୋ କରି କରଡ଼ାପଲ୍ଲୀ ଓ ପଙ୍କାଳ ଗ୍ରାମରୁ ବେଆଇନ ଗୋ ହତ୍ୟା ଓ ଗୋ ଚାଲାଣ ବନ୍ଦ କରିବାକୁ ଦାବି କରିଥିଲେ। ଏନେଇ ଜିଲାପାଳ, ଏସ୍‌ପିଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସବୁଠି ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ସେମାନେ କହିଥିଲେ। ଖବରପାଇ ଘଟଣାସ୍ଥଳରେ ତହସିଲଦାର ପ୍ରମୋଦ ବାସ୍କେ, ଥାନା ଆଇଆଇସି ସୁଚିତ୍ରା ଜେନା, ଏଏସ୍‌ଆଇ ସନ୍ତୋଷ ପ୍ରଧାନ ପହଞ୍ଚି ବେଆଇନ ଗୋରୁ କଟା ୧୫ ଦିନ ମଧ୍ୟରେ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

## ବିହନର ସଦୁପଯୋଗ କରି ରୋଜଗାରକ୍ଷମ ହୁଅ

ବାଙ୍କୀ,୧୧।୧୧(ସ୍ୱ.ପ୍ର.)

### ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ମାଗଣା ବିହନ ବଣ୍ଟନ

ବାଙ୍କୀ ଓ ଡମପଡ଼ା ବ୍ଲକ କୃଷି ବିଭାଗ ପକ୍ଷରୁ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ ମାଗଣା ବିହନ ବଣ୍ଟନ କରାଯାଇଛି। ବାଙ୍କୀ କୃଷି ଅଧିକାରିଣୀ ଗୀତାଞ୍ଜଳି ନନ୍ଦଙ୍କ ତତ୍ତ୍ୱାବଧାନରେ ଏନେଇ ୨ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଭୟ କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ଷତିଗ୍ରସ୍ତ କୃଷକମାନଙ୍କୁ ମୁଗ ବିହନ ବଣ୍ଟନ କରିଥିଲେ। ବାଙ୍କୀ ବ୍ଲକ କୃଷି ବିଭାଗ ପକ୍ଷରୁ କୃଷି ସୂଚନା କେନ୍ଦ୍ରରେ ୪୧ଜଣ ଚାଷୀଙ୍କୁ ମାଗଣା ମୁଗ ବିହନ କିଟ୍ ପ୍ରଦାନ କରାଯାଇଥିଲା। ଚାଷୀମାନେ କିପରି ବିହନକୁ ସଦୁପଯୋଗ କରି ଅଧିକ ରୋଜଗାରକ୍ଷମ ହେବେ ସେ ସମ୍ପର୍କରେ ବୁଝାଇଥିଲେ। ବାଙ୍କୀ ବ୍ଲକକୁ ସମୁଦାୟ ୯ହଜାର ୫ଶହ ମୁଗ ବିହନ କିଟ ଆସିଅଛି। ପର୍ଯ୍ୟାୟକ୍ରମେ ସମସ୍ତ ବନ୍ୟାକ୍ଷତିଗ୍ରସ୍ତ ଚାଷୀଙ୍କୁ ଏହି କିଟ ବଣ୍ଟନ କରାଯିବ ବୋଲି ବାଙ୍କୀ ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଜ୍ଞାପରମିତା ପ୍ରକାଶ କରିଛନ୍ତି। ସେହିପରି ଡମପଡ଼ା ବ୍ଲକ କୃଷି ବିଭାଗ ପକ୍ଷରୁ ଆଖୁ ବିହନ କେନ୍ଦ୍ରରେ ୧୫୦ଜଣ ବନ୍ୟାକ୍ଷତିଗ୍ରସ୍ତ ଚାଷୀଙ୍କୁ ମୁଗ ବିହନ ବଣ୍ଟନ କରାଯାଇଥିଲା। ଏଥିରେ ବିଧାୟକ ତ୍ରିପାଠୀଙ୍କ ସମେତ ବାଙ୍କୀ ବ୍ଲକ କୃଷି ଅଧିକାରୀଣୀ ନନ୍ଦ, ଜିଲା ପରିଷଦ ସଭ୍ୟା ମିନତୀ ମହାପାତ୍ର, ଆଶିଷ ସାହୁ, ଡମପଡ଼ା ବ୍ଲକ ଅଧକ୍ଷ ପ୍ରଣବ ପଟେଲ, ବାଙ୍କୀ ଏନଏସି ଉପନଗରପାଳ ସନ୍ତୋଷ ରଣା, ଆତ୍ମା କମିଟି ଅଧକ୍ଷ ସଞ୍ଜୟ କୁମାର ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଡମପଡ଼ା ବ୍ଲକ କୃଷି ବିଭାଗକୁ ୧୩ହଜାର ମୁଗ କିଟ ପ୍ରଦାନ କରାଯାଇଛି। ତାହା ପର୍ଯ୍ୟାୟକ୍ରମେ ଚାଷୀମାନଙ୍କୁ ବଣ୍ଟନ କରାଯିବ ବୋଲି ଡମପଡ଼ା କୃଷି ବିଭାଗ ସହକାରୀ ଅଧିକାରିଣୀ ବି.ପି.ରୋଜାଲିନ ପ୍ରକାଶ କରିଛନ୍ତି।



ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଜଣେ ଚାଷୀଙ୍କୁ ବିହନ କିଟ୍ ପ୍ରଦାନ କରୁଛନ୍ତି।

# 'ଲୋକନାଟକ ଧାରାର ପ୍ରବର୍ତ୍ତକ ଥିଲେ ବୈଷ୍ଣବ ପାଣି'



ଗଣକବି ବୈଷ୍ଣବ ପାଣି ସମ୍ମାନରେ ଯୋଗଦେଇଥିବା ଅତିଥିମାନେ।

କଟକ ଅଫିସ, ୧୧।୧୧

### ଗଣକବି ବୈଷ୍ଣବ ପାଣି ଜାତୀୟ ସମ୍ମାନ

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗର ମିଳିତ ସହଯୋଗରେ ଗଣକବି ବୈଷ୍ଣବ ପାଣି ସମ୍ମାନ ବିଶ୍ୱବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ନାଟ୍ୟକାର ପ୍ରଫେସର ସଂଘମିତ୍ରା ମିଶ୍ର ଉଦ୍‌ଘାଟନ କରି କହିଥିଲେ, ବୈଷ୍ଣବ ପାଣି ଥିଲେ ଜଣେ ସମାଜ ସଂସ୍କାରକ ଓ ଲୋକନାଟକ ଧାରାର ପ୍ରବର୍ତ୍ତକ। ପରମ୍ପରା ସହ ଆଧୁନିକତା ମଧ୍ୟରେ ସମନ୍ୱୟ ଆଣିବାରେ ବିଂଶ ଶତାବ୍ଦୀରେ ସେ ଥିଲେ ସର୍ବଶ୍ରେଷ୍ଠ ଲୋକପ୍ରିୟ ନାଟ୍ୟକାର। କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂ ସଭାପତିତ୍ୱ କରି କହିଥିଲେ, ବୈଷ୍ଣବ ପାଣି ଥିଲେ ଅସାଧାରଣ କବିତ୍ୱର ଅଧିକାରୀ। ତାଙ୍କ ରଚିତ ଗୀତିନାଟ୍ୟ ଓଡ଼ିଆ ସାହିତ୍ୟରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲା। କେନ୍ଦ୍ର ସାହିତ୍ୟ ଏକାଡେମୀର ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ, ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ସଂଯୋଜକ ଡ. ଜ୍ଞାନୀ ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ, କଣ୍ଠଶିଳ୍ପୀ ସରୋଜ କୁମାର ସାହୁ ବୈଷ୍ଣବ ପାଣି ସଙ୍ଗୀତ ପରିବେଷଣ ଓ ପାଠଚକ୍ର ସମ୍ପାଦିକା ଶୁଭଶ୍ରୀ ସା ଧନ୍ୟବାଦ ଦେଇଥିଲେ।

## କନ୍ଦରପୁର-ନୂଆଗାଁ ମଧ୍ୟରେ କଟା ହେବ ୫୭୦୦ ଗଛ

### ୫୫ନଂ. ଜାତୀୟ ରାଜପଥ

କଟକ ସଦର, ୧୧।୧୧(ଡି.ଏନ୍.ଏ.)

କଟକ-ନୂଆଗାଁ ଜାତୀୟ ରାଜପଥ ନଂ.୫୫ କାମ ପାଇଁ ଗଛ କଟା ଆରମ୍ଭ ହୋଇଛି। କଟକ-କନ୍ଦରପୁର ମଧ୍ୟରେ ଗଛ କଟା ସରିଥିବାରୁ ଏବେ କନ୍ଦରପୁର-ନୂଆଗାଁ ମଧ୍ୟରେ ଏହି କାମ ହାତକୁ ନିଆଯାଇଛି। ଏଥିପାଇଁ ମୋଟ୍ ୫,୭୦୦ ବିଭିନ୍ନ କିସମର ଗଛ କଟାଯିବ ବୋଲି ଯାଜପୁର ଜଙ୍ଗଲ ନିଗମ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। କାରଣ ରାଜ୍ୟ ଜଙ୍ଗଲ ବିଭାଗ ଏହି କାମ ବିଭାଗୀୟ ନିଗମ ଉପରେ ନ୍ୟସ୍ତ କରିଛି। ଏବେ ସୁଦ୍ଧା ୨୮୦୦ ଗଛ କଟା ଯାଇ ବିକ୍ରି ହୋଇଛି। ଏଥିରୁ ମିଳିଥିବା ୮ ଲକ୍ଷ ଟଙ୍କା ସରକାରଙ୍କୁ ଦିଆଯାଇଛି ବୋଲି ଯାଜପୁର ବନ ନିଗମ କାର୍ଯ୍ୟଳୟର ଉପଖଣ୍ଡ ପରିଚାଳକ ଶୁଭଲକ୍ଷ୍ମୀ ସ୍ୱାଇଁ ସୂଚନା ଦେଇଛନ୍ତି। ମୋଟ୍ ଗଛ ବିକ୍ରିରୁ ୧୮ଲକ୍ଷ ଟଙ୍କା ମିଳିବ ବୋଲି ସରକାର ଆଶା ରଖିଛନ୍ତି। ମାତ୍ର ରାତିବେଳା ଦୁର୍ବୃତ୍ତମାନେ କାଠ ଚୋରି କରି ନେଇଯାଉଥିବା ଜଣାପଡିଛି। କାରଣ ସ୍ଥାନୀୟ ଲୋକମାନେ କମ୍ ମୂଲ୍ୟରେ କାଠ ନେବା ପାଇଁ ଚକ୍ରାନ୍ତ କରୁଛନ୍ତି। ରାଜ୍ୟ ସରକାର ଚାକୁଣ୍ଡା କାଠ ବର୍ଗଫୁଟ ପିଛା ୫୫୦ ଟଙ୍କା ଓ ଆକାଶି କାଠ ୬୦୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏତେ ଟଙ୍କାରେ ଲୋକମାନେ କାଠ ନେବା ପାଇଁ ରାଜି ହେଉନାହାନ୍ତି। ଏବେ ଗଛ କଟା ଶେଷ ପର୍ଯ୍ୟରେ ପହଞ୍ଚିଛି ବୋଲି ସ୍ୱାଇଁ କହିଛନ୍ତି। ଏହି ଗଛ କାଟିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ଆର୍ଥିକ ସହାୟତା ପ୍ରଦାନ କରୁଛି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

ଚୌଦ୍ୱାର, ୧୧।୧୧(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକାର ଦୁଇଟି ୱାର୍ଡ଼ରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୧୭ ନଂ. ୱାର୍ଡ କାଉନ୍‌ସିଲର ଆଶୁତୋଷ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ନୂଆସାହିରେ ମିନିପାର୍କର ଶିଳାନ୍ୟାସ କରିଥିଲେ। ପରେ ୧୯ ନଂ. ୱାର୍ଡର ହାଉସିଂ ବୋର୍ଡ ଫେଜ୍-୨ରେ ନବନିର୍ମିତ ମୁକ୍ତ ମଞ୍ଚ ଓ ଗୋଷ୍ଠୀ ଶୌଚାଳୟକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ଏଥିସହ ଉକ୍ତ ୱାର୍ଡ଼ରେ ୪ଟି ରାସ୍ତା ଓ ହାଉସିଂ ବୋର୍ଡ଼ ମହିଳା କ୍ଲବ୍ ଘରର ଶିଳାନ୍ୟାସ କରିଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୌରଯନ୍ତ୍ରୀ ମହେଶ ପ୍ରସାଦ ମିଶ୍ର, ଶୁଭଶ୍ରୀ ନାୟକ, ସଞ୍ଜୟ ସାମଲ, ମୁକ୍ତା ପ୍ରକଳ୍ପ ନିର୍ଦ୍ଦେଶିକା ଦେବୀକା ମହାନ୍ତି, କାଉନସିଲର ବିଜୟ ମଲ୍ଲିକ, ନାରୀନେତ୍ରୀ କବିତାରାଣୀ ଲେଙ୍କା, ବିଜେଡ଼ି ଜିଲା ଯୁଗ୍ମ ସମ୍ପାଦକ ଅର୍ଜୁନ ପଣ୍ଡା, ଛାତ୍ରନେତା ଭରତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ବାହାଦୁଲାପାଟଣା ବାଲିଯାତ୍ରା ଉଦ୍‌ଘାଟିତ

ସାଲେପୁର,୧୧।୧୧(ଡି.ଏନ୍.ଏ.)

ସାଲେପୁର ବ୍ଲକ୍ ଅନ୍ତର୍ଗତ ବହୁଗ୍ରାମ ପଞ୍ଚାୟତ ଅଧୀନ ବାହାଦୁଲାପାଟଣା ବେଲେଶ୍ୱର ତରୁଣ କ୍ଲବ ଆନୁକୂଲ୍ୟରେ ୧୬ତମ ବାଲିଯାତ୍ରା ଉତ୍ସବ ବହୁଗ୍ରାମ କଲେଜ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ରଶ୍ମିତା ମଲ୍ଲିକ, ସମିତିସଭ୍ୟା ଇତିଶ୍ରୀ ମଲ୍ଲିକ, ପାଗା ଫାଣ୍ଡି ଅଧିକାରୀ କୁଞ୍ଜବିହାରୀ ଧୀର ଏଥିରେ ଅତିଥି ଭାବେ ଯୋଗଦେଇ ବାଲିଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ୭ଦିନ ବ୍ୟାପୀ ଏହି ବାଲିଯାତ୍ରମା ଅନୁଷ୍ଠିତ ହେବ। ବାଲିଯାତ୍ରାର ମୁଖ୍ୟ ସଂଯୋଜକ ଜ୍ଞାନରଞ୍ଜନ ମାଣିଆ ବେଲେଶ୍ୱର କ୍ଲବର ସଭାପତି ଓ ସମସ୍ତ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଦିନ ସନ୍ଧ୍ୟାରେ ବାଲିଯାତ୍ରାରେ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିବା ଲାଗି ସ୍ଥିର ହୋଇଛି।


ମୁଖ୍ୟ ଅତିଥି ବାଲିଯାତ୍ରାକୁ ଉଦ୍‌ଘାଟନ କରୁଛନ୍ତି।

## ଭଲିବଲ ଟୁର୍ନାମେଣ୍ଟ: ଦେବରାୟ କଲେଜ ଚାମ୍ପିୟନ

ମଙ୍ଗୁଳି,୧୧।୧୧(ଡି.ଏନ.ଏ)

ଜଗତପୁର ସ୍ଥିତ ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏକ ଆନ୍ତଃ ଭଲିବଲ ଟୁର୍ନାମେଣ୍ଟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ନୟାପଲ୍ଲୀର ଦେବରାୟ କଲେଜ ଚାମ୍ପିୟନ ହୋଇଥିବା ବେଳେ କେନ୍ଦ୍ରାପଡ଼ା ସନ୍ଧ୍ୟା ମହାବିଦ୍ୟାଳୟ ରନର୍ସ ଅପ୍ ହୋଇଛି। ଏହି ପ୍ରତିଯୋଗିତାକୁ ଲକ୍ଷ୍ମୀ ନାରାୟଣ ସାହୁ କଲେଜର ଅଧକ୍ଷା ସସ୍ମିତା ପଟ୍ଟନାୟକ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ମନୋନୟନକାରୀଙ୍କ ଦ୍ୱାରା ବଛା ବଛା ଖେଳାଳିଙ୍କୁ ନେଇ ମୋଟ ୭ଟି ଦଳ ଭାଗ ନେଇଥିଲେ। ଉଦଯାପନୀ ଉର୍ତ୍ସବରେ ଅଧକ୍ଷା ସସ୍ମିତା ପିଲାମାନଙ୍କୁ କ୍ରୀଡା ମାଧ୍ୟମରେ ରାଜ୍ୟର ନାମ ଉଜ୍ଜ୍ୱଳ କରିବାକୁ ଉତ୍ସାହିତ କରିଥିଲେ। ପରିଶେଷରେ ମୁଖ୍ୟ ଅତିଥି ତଥା ଜଗତପୁର ଭଲିବଲ ଆସୋସେଶନର ସଭାପତି ନବ କିଶୋର ସ୍ୱାଇଁ ପିଲାମାନଙ୍କୁ ଉଦବୋଧକ ଦେବା ସହ ବିଜେତା ମାନଙ୍କୁ ଟ୍ରଫି ଓ ଖେଳାଳିମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷୟତ୍ରୀ ଗୀତାଞ୍ଜଳି ଦାସ, କ୍ରୀଡା ଉପସଭାପତି ପୁଷ୍ପାମଞ୍ଜରୀ ଦାସ,ଦୀପକ କୁମାର ବେହେରା ପରିଚାଳନା କରିଥିବାବେଳେ ଶିକ୍ଷକ ସୁବାସ ଚନ୍ଦ୍ର ଦ୍ୱିବେଦି, ଡକ୍ଟର ଅଟଳ ବିହାରୀ ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ଡାକମେଳା ଶିବିର

ମାହାଙ୍ଗା,୧୧।୧୧(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ନାହାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଦିନିକିଆ ଡାକମେଳା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ କଟକ ନଗର ଡାକମଣ୍ଡଳ ଉପଅଧୀକ୍ଷକ ରମେଶ ଚନ୍ଦ୍ର ସାହୁ, ସାଲେପୁର ସବଡିଭିଜନ ଡାକ ନିରୀକ୍ଷିକା ସୁଜାତା ବେହେରା,ସରପଞ୍ଚଙ୍କ ପ୍ରତିନିଧି ଦେବରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଭାରତୀୟ ଡାକ ବିଭାଗ ପକ୍ଷରୁ ୫ ବର୍ଷରୁ ଉର୍ଦ୍ଧ୍ୱ ଶିଶୁମାନଙ୍କ ନୂତନ ଆଧାର ପଞ୍ଜୀକରଣ, ଆଧାରରେ ମୋବାଇଲ ନମ୍ବର ସଂଯୋଗ, ଧନଜନ ଯୋଜନା, ଜୀବନ ବୀମା, ନୂତନ ଜମା ଖାତା ଓ ସଞ୍ଚୟ ସୁବିଧା ସୁଯୋଗ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ସମିତି ସଭ୍ୟ ଦିଲୀପ ସାମଲ, ସାମାଜିକ କର୍ମୀ ବିଜୟ କୁଅଁର, ଶ୍ରୀନିବାସ ସେନାପତି, ନୀରୋଦ ସେଠୀ, ଜିଆର୍‌ଏସ ସୁକାନ୍ତ କୁମାର ମାଡେଇ ଓ ଭାଗ୍ୟଧର ସାହୁ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନା କରିଥିଲେ।



ଶିବିରରେ ଯୋଗଦେଇଥିବା ଅତିଥିମାନେ।

## ଆନ୍ଦୋଳନ ପାଇଁ ଚାଷୀଙ୍କ ସଜବାଜ

ସାଲେପୁର,୧୧।୧୧(ଡି.ଏନ.ଏ)

### କୁଆପୋଲର ସାଇଫନ୍ ଭାଙ୍ଗିଯିବାରୁ ଗୋବରୀରେ ପଶୁଛି କେନାଲ ପାଣି

କେନ୍ଦୁପାଟଣା ଜଳସେଚନ ବିଭାଗ ଅଧୀନ ସାଲେପୁର ବ୍ଲକ ଅନ୍ତର୍ଗତ ଛାଣିପୁର ପଞ୍ଚାୟତ କରମୁଆଁଠାରେ ଅବସ୍ଥିତ କୁଆପୋଲର ସାଇଫନ୍ ଭାଙ୍ଗିଯାଇଛି। ଫଳରେ ୫ ନମ୍ବର କେନାଲ ପାଣି ଶେଷ ମୁଣ୍ଡ ପର୍ଯ୍ୟନ୍ତ ନଯାଇ ସେଠାକାର ଗୋବରୀ ନଦୀରେ ପ୍ରବେଶ କରୁଥିବା ଅଭିଯୋଗ ହେଉଛି। ଫଳରେ ଚାଷୀମାନେ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାର ସମାଧାନ ପାଇଁ ବହୁବାର ଚାଷୀମାନେ ଜଳସେଚନ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଏଥିପାଇଁ ଆଗାମୀ ଦିନରେ ଚାଷୀମାନେ କେନାଲ ପାଣି ପାଇଁ ରାଜ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଅପରପକ୍ଷେ କେନାଲରେ ପାଣି ନ ଆସିବାରୁ ଚାଷୀମାନେ ଚିନ୍ତାରେ ପଡୁଛନ୍ତି। ଏପରିକି ଛୋଟିନଟରା,କାଳିଦାହି, ସିଡ଼ୋ, ଛୋଟିପଡ଼ା ଏବଂ କରମୁଆଁ ଆଦି ପାଞ୍ଚଟି ଗ୍ରାମର ଧାନ ବିଲ ଫାଟି ଆଁ କରିଛି। ଧାନ ଥୋର ବାହାରିବା ଆଗରୁ ସବୁ ଝାଉଁଳି ପଡ଼ିଲାଣି। ବିଲ ଶୁଖି ଫାଟି ଆଁ କଲାଣି। ଚାଷୀମାନଙ୍କ କହିବାନୁସାରେ ୫ନମ୍ବର କେନାଲର ଉପରେ ମୁଣ୍ଡରେ ତଥା ଛାଣିପୁର ପଞ୍ଚାୟତ କୁଆପୋଲ ତଳେ ଥିବା ସାଇଫନ୍ ଭାଙ୍ଗି କେନାଲ ପାଣି ସବୁ ଗୋବରୀ ନଦୀକୁ ପଳେଇଯାଉଛି। ଫଳରେ କେନାଲର ତଳମୁଣ୍ଡରେ ଥିବା ଚାଷୀମାନେ ଜଳସେଚନ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହି ଚାଷୀମାନେ ଚାଷ ପାଇଁ କେବଳ ବର୍ଷା ପାଣି ଉପରେ ନିର୍ଭର କରୁଛନ୍ତି। ଯେଉଁ ଚାଷୀଙ୍କ ପାଣି ମୋଟର ଓ ବୋରିଙ୍ଗ ଅଛି ସେମାନେ ତାଙ୍କ ବିଲରେ ପାଣି ମଡ଼ାଉଛନ୍ତି। ପ୍ରାୟ ତିନି ମାସ ତଳେ ଚାଷୀମାନେ କେନ୍ଦୁପାଟଣା ଜଳସେଚନ ବିଭାଗ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ବିଭାଗ ପକ୍ଷରୁ ଖୁବଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି କୁହାଯାଇଥିଲା। ତିନି ମାସ ବିତି ଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଯଦି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହା ଉପରେ ଦୃଷ୍ଟି ନ ଦିଅନ୍ତି ଆଗାମୀ ଦିନରେ ବାଧହୋଇ ଚାଷୀମାନେ ରାଜରାସ୍ତାକୁ ଓହ୍ଲେଇବେ ବୋଲି ଚେତାବନୀ ଦେଇଛନ୍ତି। କେନ୍ଦୁପାଟଣା ଜଳସେଚନ ବିଭାଗର ଏସଡିଓ ଅକ୍ଷୟ କୁମାର ମଲ୍ଲିକଙ୍କୁ ପଚାରିବାରୁ ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।


ପାଣି ନ ଥିବାରୁ ଚାଷଜମି ଶୁଖିଲା ପଡ଼ିଛି।

